visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.54 Bhubaneswar Wednesday, April 06, 2022 | ୨୫ତମ ବର୍ଷ ସଂଖ୍ୟା-୫୪ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୦୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ମହାପ୍ରଭୁଙ୍କ ରୋଷଶାଳାରେ ଚୁଲି ଭାଙ୍ଗିବା ମାମଲାରେ ସନ୍ଦିଗ୍ଧ ଅଟକ



ପୁରୀ,୫।୪(ପି.ଏନ): ମହାପ୍ରଭୁଙ୍କ ରୋଷଶାଳାରେ ଚୁଲି ଭାଙ୍ଗିବା ଘଟଣାରେ ଜଣେ ସନ୍ଦିଗ୍ଧ ଅଟକ। ଖୋର୍ଦ୍ଧା-ପୁରୀ ସୀମାରୁ ତାକୁ ଧରିଛି ପୁଲିସ୍। ଏନେଇ ପୁରୀ ଏସ୍ ?ପି ସୂଚନା ଦେଇଛନ୍ତି। ସିସିଟିଭି ଫୁଟେଜରୁ ଏହି ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିଲା ପୁଲିସ୍। ସନ୍ଦିଗ୍ଧର ଘର ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର। ସେ ଚୁଲି ଭାଙ୍ଗିଥିବା ସ୍ୱୀକାର କରିଥିବା ଜଣାପଡିଛି।ବିଶେଷସୂତ୍ରରୁ ମିଳିଥିବା ସୂଚନା ମୁତାବକ ଚୁଲି ଭାଙ୍ଗିଥିବା ସନ୍ଦିଗ୍ଧ ରାତି ଗୋଟାଏ ପାଞ୍ଚ ମିନିଟ୍ ?ରେ ବାଇଶି ପାହାଚ୍ ପାର୍ଶ୍ୱରେ ଥିବା ରୋଷଶାଳାର ପ୍ରବେଶ ପଥ ଦେଇ ଭୋଗମଣ୍ଡପ ଘର ପାଖରେ ପହଞ୍ଚିଥିଲା। ରାତି ଗୋଟାଏ ଛଅ ମିନିଟ୍ ସମୟରେ ସେ ପାଟଅଗଣା ଭିତରକୁ ଯାଇଥିଲା। ସେଠାରୁ ସେ ଗାରଦ ପାହାଚ୍ ଦେଇ ନାଟମଣ୍ଡପର ପୋଖରୀଆ ଭିତରକୁ ଯାଇଥିଲା। ତା'ପରେ ସେ ସେଠାରୁ ଗରୁଡ ସ୍ତମ୍ଭ ଦେଇ ମୁଦୁଲି ଦୁଆର ବାଟେ ଚାଲି ଯାଇଥିଲା।ତେବେ ରାତି ପ୍ରାୟ ଗୋଟାଏ ୧୬ରୁ ୧୭ ମିନିଟ୍ ସମୟରେ ଚୁଲି ଭଙ୍ଗା ଯାଇଥିବା ନେଇ ସେବାୟତମାନେ ଗାରଦରେ ଖବର ଦେଇଥିଲେ। ଠିକ୍ ? ସେହି ସମୟ ଭିତରେ ଅର୍ଥାତ ରାତି ପ୍ରାୟ ଗୋଟାଏ ୨୭ ମିନିଟ୍ ସମୟରେ ୩ ଜଣ ଜେଟିପି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରି ସିଂହଦ୍ୱାର ସମ୍ମୁଖରେ ଛାଡି ଦେଇଥିଲେ। ତା'ପରେ ସେ ଫେରାର ହୋଇଥିଲା। ଶ୍ରୀମନ୍ଦିରରୁ ବାହାରିବା ପରେ ସନ୍ଦିଗ୍ଧ ନିଜ ଘର ଖୋର୍ଦ୍ଧାକୁ ଚାଲି ଯାଉଥିଲା। ଏ ସମ୍ପର୍କରେ ଖବର ପାଇ ପୁରୀ ପୁଲିସ୍ ? ତାକୁ ଧରି ଆଣୁଥିବା ଜଣାପଡିଛି।ରବିବାର ରାତିରେ ଶ୍ରୀମନ୍ଦିର ରୋଷଶାଳାରେ ୮୦ରୁ ଅଧିକ ଚୁଲି ଭାଙ୍ଗି ଦିଆଯାଇଛି। ଯେଉଁଥିପାଇଁ ମହାପ୍ରଭୁଙ୍କ ଅବା ପ୍ରସ୍ତୁତିରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ମହାପ୍ରଭୁଙ୍କ ନୀତିକାନ୍ତିରେ ମଧ୍ୟ ବ୍ୟାଘାତ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ନକଲି ଡାକ୍ତରଙ୍କ ଦ୍ୱିତୀୟ ପତ୍ନୀଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର, ୫।୪(ପି.ଏନ): ବହୁଚର୍ଚ୍ଚିତ ନକଲୀ ଡାକ୍ତର ରମେଶଚନ୍ଦ୍ର ସ୍ୱାଇଁଙ୍କ ପତ୍ନୀ କମଳାଙ୍କୁ କମିସନରେଟ ପୁଲିସ ଗିରଫ କରିଛି । ତାଙ୍କୁ ଝାଡଖଣ୍ଡରୁ ଗିରଫ କାରଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଗୁଜରାତର ଜାମନଗରରେ କାମ କରୁଥିଲେ ଓ ଘଟଣା ପର ଠାରୁ ଫେରାର ଥିଲେ ବୋଲି ସୂଚନା ରହିଛି ।

### ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ରାମଚଣ୍ଡୀ ଓସ୍ୱାଲୀ କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର, ୫।୪(ପି.ଏନ): ଗତକାଲି ମଧ୍ୟାହ୍ନରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ବିଶ୍ୱ ଐତିହ୍ୟ କୋଣାର୍କ- ପୁରୀ ମେରାଇନ୍ ଡ୍ରାଇଭରେ ଥିବା ଓଡ଼ିଶା ରାଜ୍ୟ ୱାଟରମେନସିପ୍ ଏବଂ ଲାଇଫ ଗାର୍ଡ ପ୍ରଶିକ୍ଷଣ କେନ୍ଦ୍ର (ୱାସୱାଲୀ)ଯାଇ ସେଠାରେ ଚାଲିଥିବା ସମସ୍ତ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ । ରାମଚଣ୍ଡୀ ପୀଠର କୁଶଭଦ୍ରା ନଦୀକୂଳରେ ୨୦୧୫ ମସିହାରେ ସ୍ଥାପିତ ଏହି ପ୍ରଶିକ୍ଷଣ କେନ୍ଦ୍ର ତା'ର କାର୍ଯ୍ୟଧାରା ଲାଗି ସମଗ୍ର ଦେଶରେ ସୁନାମ ଅର୍ଜନ କରିପାରିଛି । ଏଠାରେ ବ୍ୟାଚ୍ ୱାରୀ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମନୋନୀତ ହୋଇ ଆସୁଥିବା ଆଗ୍ନିକମାନଙ୍କୁ ଭୂତଳ ଜଳସମୂହରେ ନିଜର ଦକ୍ଷତା ପ୍ରଦର୍ଶନ ପାଇଁ ୱାଟରମ୍ୟାନସିପ୍, ସନ୍ତରଣ, ବୋଟ୍ ଚାଳନା, ସ୍କୁବା ଡାଇଭିଂ, ଜଳ ବିପ୍ତାରୁ ଉଦ୍ଧାର କରିବା କୌଶଳ ପ୍ରଭୃତି ସହ ଏ କ୍ଷେତ୍ରରେ ଉପଯୋଗ ହେଉଥିବା ସର୍ବାଧୁନିକ ଯନ୍ତ୍ରପାତିର ବ୍ୟବହାର ଉପରେ ଉଚ୍ଚସ୍ତରୀୟ ତାଲିମ୍ ପ୍ରଦାନ କରାଯାଇ ଆସୁଛି ।



ବାରିପଦା ରେ ନବରାତ୍ରି ଅବସରରେ ମା' ଅମ୍ବିକାଙ୍କ (ଷୋଡ଼ଶୀ ବେଶ)

### ଏଟିଏମ୍ ତାଡି ଟଙ୍କା ନେଇଗଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୦୫।୪(ପି.ଏନ): ଭୁବନେଶ୍ୱର ଶିଶୁପାଳଗଡ଼-ଲିଙ୍ଗିପୁର ହାଉସିଂବୋର୍ଡ ଛକରେ ଥିବା ଏସ୍‌ବିଆଇ ଏଟିଏମ୍ ରୁ ଏଟିଏମ୍ ମେସିନ୍ ତାଡି ନେଇଯାଇଛନ୍ତି ଦୁର୍ବୃତ୍ତ। ପରେ ଦୟାନଦୀ ପଠାରୁ ଚୋରି ଏଟିଏମ୍ ମେସିନ୍ ଉଦ୍ଧାର ହୋଇଥିଲେ ହେଁ ଚୋରମାନେ ସେଥିରୁ ଟଙ୍କା ନେଇଯାଇଛନ୍ତି। ପୋଲିସ୍ ଘଟଣା ତଦନ୍ତ କରୁଛି। ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଶିଶୁପାଳଗଡ଼-ଲିଙ୍ଗିପୁର ହାଉସିଂବୋର୍ଡ ଛକରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏଟିଏମ୍ ର ବିଦ୍ୟୁତ ସଂଯୋଗ କାଟିଥିଲେ। ପରେ ସିସିଟିଭିକୁ ଭାଙ୍ଗି ଦେଇଥିଲେ। ତା'ପରେ ଏଟିଏମ୍ କୁ ତାଟି ନେଇଯାଇଥିଲେ। ଏଟିଏମ୍ ର ଓଜନ ପ୍ରାୟ ସାଢେ ୩ କ୍ୱିଂଟାଲ ହେବ। ଏହା ପରେ ସେମାନେ ଏମ୍.ଏସ୍. ନର୍ସରୀ ବାହାରେ ଠିଆ ହୋଇଥିବା ଟାଟା ଏସ୍‌ସିଇର ଚାବି ଭାଙ୍ଗି ସେଥିରେ ଏଟିଏମ୍ କୁ ଲଦି ପ୍ରାୟ ୩ କିମି ଦୂର ଦୟାନଦୀ ପଠାକୁ ନେଇଯାଇଥିଲେ। ସେଠାରେ ଶାବଳରେ ଏଟିଏମ୍ କୁ ଭାଙ୍ଗି ସେଥିରେ ଥିବା ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କା। ଦୁର୍ବୃତ୍ତମାନେ ନେଇଯାଇଥିଲେ। ନିକଟରେ କିଛି ଫଟା ନୋଟ୍ ପଡିଥିବାର ଦେଖିବାକୁ ମିଳିଛି।

## ଶ୍ରୀମନ୍ଦିରର ସୁରକ୍ଷା ନେଇ ପ୍ରଶାସନ , ସରକାରଙ୍କ ଭୂମିକା ସନ୍ଦେହଜନକ:ବିଜେପି

ଭୁବନେଶ୍ୱର, ୦୫।୬(ପି.ଏନ) : ଶାସନ ଅହଂକାରରେ ଚାଲେ ନାହିଁ ଜନତାଙ୍କ ଆର୍ଶୀବାଦରେ ଚାଲେ। ଓଡିଶାବାସୀଙ୍କ ଗର୍ବ ଓ ଗୌରବ ଶ୍ରୀମନ୍ଦିରର ରତ୍ନଭଣ୍ଡାରର ଚାବି ଏପର୍ଯ୍ୟନ୍ତ ମିଳିପାରିଲା ନାହିଁ। ଶୌଚାଳୟ ନିର୍ମାଣ ନାମରେ ଗଭୀର ଖନନ କରାଯାଇ କ'ଣ ଚାଲିଛି ତାହା ମଧ୍ୟ ସନ୍ଦେହ ଘେରରେ। ବିକାଶରେ ବାଧା ଦେଉନାହୁଁ କି ବିକାଶକୁ ବିରୋଧ କରୁନାହିଁ ବିଜେପି। କିନ୍ତୁ ଶ୍ରୀମନ୍ଦିରର ସୁରକ୍ଷା ଓ ରକ୍ଷଣା ବେକ୍ଷଣ ଦୃଷ୍ଟିରୁ ଏଏସଆଇଓର ଅନୁମତି ନେଇ ନିର୍ମାଣ କରିବାକୁ ବିଜେପି ଦାବୀ କରୁଛି। ଶ୍ରୀମନ୍ଦିରର ୧୦୦ମିଟର ମଧ୍ୟରେ ବେଆଇନ ନିର୍ମାଣକୁ ବିରୋଧ କରୁଛି ବିଜେପି। ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ସହ ଖେଳାନଯାଉ। ଶ୍ରୀମନ୍ଦିରର ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଏକ ପ୍ରେସ୍ ବିବୃତିରେ ବିଜେପି ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।ଓଡିଆ ଜାତିର ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିରସ୍ଥିତ ପବିତ୍ର ରୋଷଘର ଚୁଲି ଗୁଡିକ ଭାଙ୍ଗି ଦିଆଯିବା ଘଟଣା ରାଜ୍ୟବାସୀଙ୍କ ସମେତ କୋଟି କୋଟି ଜଗନ୍ନାଥ ଭକ୍ତଙ୍କୁ ବ୍ୟଥିତ କରିଛି। ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ମହାପ୍ରସାଦର ରହିଛି ଅନନ୍ୟ ସମ୍ପର୍କ। ରୋଷଘରର ମହାପ୍ରସାଦ ପ୍ରସ୍ତୁତ ହେଉଥିବା ଚୁଲିକୁ ଭାଙ୍ଗିଦେଇ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିକୁ ବ୍ୟାଘାତ କରିବା ଦୁଃଖଦାୟକ। ଶ୍ରୀମନ୍ଦିରର ସୁରକ୍ଷା ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟସରକାରଙ୍କ ଭୂମିକା ସନ୍ଦେହଜନକ।

## ୨୨ରେ ରାଜ୍ୟର ସବୁ ବିଦ୍ୟୁତ୍ ଅଫିସ ଘେରିବ ସିପିଆଇ

ଭୁବନେଶ୍ୱର, ୫।୪(ପି.ଏନ) : ରାଜ୍ୟରେ ଦେଖାଦେଇଥିବା ଚରମ ବିଜୁଳି ବିଭ୍ରାଟ ଓ ଅରାଜକତାର ପ୍ରତିକାର ଏବଂ ସବୁ ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ଦାବିରେ ସିପିଆଇ ଆସନ୍ତା ଏପ୍ରିଲ ୨୨ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟୁତ୍ ଅଫିସ ଘେରାଉ କରିବ। ଭଗବତୀ ଭବନଠାରେ ରମଣୀରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ ପରିଷଦ ବୈଠକରେ ଏହି ନିଷ୍ପତି ନିଆଯାଇଛି।ରାଜ୍ୟର ବିଦ୍ୟୁତ୍ ଗ୍ରାହକମାନଙ୍କ ପାଖକୁ ମନଇଚ୍ଛା ବିଲ୍ ଏପରିକି ୫ଗୁଣ ୧୦ଗୁଣ ଅଧିକ ବିଲ୍ ଆସୁଛି। ଅଭିଯୋଗ କଲେ ଶୁଣିବାକୁ କେହି ନାହିଁ। ଗୋଟିଏ ଗୋଟିଏ ଗାଁକୁ ସପ୍ତାହ ସପ୍ତାହ ଧରି ଲାଇନ କାଟିଦିଆଯାଉଛି। ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲ୍‌ଟେଜ ବିଷମ ପରିସ୍ଥିତି ସୃଷ୍ଟି କରିଛି। ଏସବୁର ପ୍ରତିକାର ସହିତ ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ରାଜ୍ୟ ସରକାର ବିଦ୍ୟୁତ୍ ଆବଂଟନର ଦାୟିତ୍ୱ ନିଜ ହାତକୁ ନେଇ ପ୍ରତି ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇବା ପାଇଁ ସିପିଆଇ ଦାବି କରିଛି।ଅନ୍ୟପକ୍ଷରେ ଏହା ପୂର୍ବରୁ କେନ୍ଦ୍ର ସିପିଆଇ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ଜିନିଷପତ୍ରର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଏପ୍ରିଲ ୪ରୁ ୧୦ ପର୍ଯ୍ୟନ୍ତ ଦେଶ ବ୍ୟାପୀ ପ୍ରତିବାଦର ଡାକରା ଦେଇଥିବାରୁ ଓଡ଼ିଶାରେ ମଧ୍ୟ ପେଟ୍ରୋଲ ପମ୍ପ ଓ କେନ୍ଦ୍ର ସରକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭମାନ ଅନୁଷ୍ଠିତ ହେବ।ପରିଷଦରେ ଗୃହୀତ ପଞ୍ଚାୟତ ଓ ପୌର ନିର୍ବାଚନ ସମୀକ୍ଷା ରିପୋର୍ଟରେ କୁହାଯାଇଛି– ବିଜେଡିର ବିପୁଳ ବିଜୟ ତା'ର ଅତ୍ୟଧିକ ଲୋକପ୍ରିୟତାର ପ୍ରମାଣ ନୁହେଁ। ପ୍ରଚୁର ପରିମାଣର ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଭାବିତ କରିବା ଏବଂ ଶାସନ କଳର ନଗ୍ନ ବ୍ୟବହାର ଏହି ବିଜୟର ଅନ୍ୟତମ ପ୍ରମୁଖ କାରଣ। ବିଜେଡିର ବିଜୟ ପରେ ପୋଲିସ ଓ ପ୍ରଶାସନିକ ଅଫିସରମାନେ ସଂଗଠିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା, ଓଡ଼ିଶା ଇତିହାସରେ ଏକ ନିନ୍ଦନୀୟ ଘଟଣା। ଏହା ପ୍ରଶାସନର ରାଜନୀତିକରଣ ଦିଗରେ ଦୁର୍ଭାଗ୍ୟଜନକ ପଦକ୍ଷେପ।ଜୟପୁରର ସେବା ପେପର ମିଲ୍ ଦୀର୍ଘଦିନ ଧରି ବନ୍ଦ ହୋଇଥିବାବେଳେ ଏହାକୁ ତୁରନ୍ତ ଚାଲୁ କରି ଛଟେଇ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା, ସମ୍ବଲପୁର, କଟକ ଜାତୀୟ ରାଜପଥର ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା।ରାଜ୍ୟ ପରିଷଦର ଏହି ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନର ସମୀକ୍ଷା ରିପୋର୍ଟ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା ଜାତୀୟ ପରିଷଦ ରିପୋର୍ଟ, ଅଭୟ ସାହୁ ଆନ୍ଦୋଳନ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିବାବେଳେ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ସମ୍ପାଦକମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପାଇକରାୟ ଓ ନୂଆଦୁନିଆର ସମ୍ପାଦକ ରମେଶ ପାଢ଼ୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

## ରାଜଧାନୀର ୩ ନଗର ନିଗମ ମିଶି ହେବ ୧, ରାଜ୍ୟସଭାରେ ବିଲ୍ ପାସ୍

ନୂଆଦିଲ୍ଲୀ,୫।୪(ପି.ଏନ): ରାଜଧାନୀ ଦିଲ୍ଲୀରେ ଆଉ ୩ ନଗର ନିଗମ ବ୍ୟବସ୍ଥା ରହିବ ନାହିଁ। ୩ଟି ଯାକ ନଗର ନିଗମ ବା ମ୍ୟୁନସିପାଲ କର୍ପୋରେସନ ଏକାଠି ହୋଇ ଗୋଟିଏ ନିଗମରେ ପରିଣତ ହେବେ। ଏ ସଂକ୍ରାନ୍ତ ବିଲ୍ ଆଜି ରାଜ୍ୟସଭାରେ ପାସ୍ ହୋଇଛି। ପୂର୍ବରୁ ଏହା ଲୋକସଭାରେ ମଧ୍ୟ ପାରିତ ହୋଇଥିଲା।ଆଜି ରାଜ୍ୟସଭାରେ ବିଲ୍ ?କୁ ବିରୋଧ କରି ପ୍ରବଳ ହଟ୍ଟଗୋଳ ହୋଇଥିଲା। ତଥାପି କ୍ଷମତାସୀନ ବିଜେପି ସରକାର ପାଖରେ ସଂଖ୍ୟା ଗରିଷ୍ଠତା ଥିବାରୁ ବିଲ୍ ? ପାରିତ ହୋଇଛି। ଏବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଲ୍ ? ଉପରେ ମୋହର ମାରିବା କ୍ଷଣି ଏହା ଆଇନରେ ପରିଣତ ହୋଇଯିବ।ବର୍ତ୍ତମାନ ରାଜଧାନୀରେ ପୂର୍ବ ଦିଲ୍ଲୀ ମ୍ୟୁନସିପାଲ କର୍ପୋରେସନ, ଉତ୍ତର ଦିଲ୍ଲୀ ମ୍ୟୁନସିପାଲ କର୍ପୋରେସନ ଓ ସାଉଥ ଦିଲ୍ଲୀ ମ୍ୟୁନସିପାଲ କର୍ପୋରେସନ ନାମରେ ୩ଟି ନଗମ କାର୍ଯ୍ୟ କରୁଛି। ୩ ନଗର ନିଗମ ଯୋଗୁ ରାଜସ୍ୱ ଆଦାୟ ଠିକ ଭାବେ ହୋଇପାରୁ ନାହିଁ। ବିକାଶ ପାଇଁ ଭିତ୍ତିଭୂମିର ମଧ୍ୟ ଅଭାବ ପଡୁଛି।



ଏଥିପାଇଁ କର୍ମଚାରୀଙ୍କୁ ଦରମା ଓ ଅବସର ପରେ ପେନସନ ପ୍ରଦାନରେ ଅନେକ ସମସ୍ୟା ଉପୁଜୁଛି। ତେଣୁ କେନ୍ଦ୍ର ସରକାର ଏହାକୁ ନଜର ରଖି ୩ ନଗର ନିଗମକୁ ଗୋଟିଏରେ ପରିଣତ କରିବାକୁ ବିଲ ପାରିତ କରିଥିବା କହିଛନ୍ତି।୨୦୧୨ରେ ୟୁପିଏ ସରକାର ଦିଲ୍ଲୀରେ ୩ ନଗର ନିଗମ ବ୍ୟବସ୍ଥା ପ୍ରଚଳନ କରିଥିଲେ। ସେବେଠାରୁ ଏହି ନଗର ନିଗମ ଗୁଡିକ ସ୍ୱଂୟଶାସିତ ଭାବେ କାର୍ଯ୍ୟ କରୁଥିଲେ। ଏବେ କେନ୍ଦ୍ରରେ କ୍ଷମତାରେ ଥିବା ବିଜେପି ସରକାର ଦିଲ୍ଲୀ ମ୍ୟୁନସିପାଲ କର୍ପୋରେସନ ସଂଶୋଧନ (ଏମସିଡି)ବିଲ୍ ଜରିଆରେ ଏହି ବ୍ୟବସ୍ଥାକୁ ବଦଳାଇ ଦେଇଛନ୍ତି।ଆଜି ରାଜ୍ୟସଭାରେ ବିଲ୍ ଉପରେ ମତ ରଖି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦିଲ୍ଲୀର କ୍ଷମତାସୀନ ଆପ୍ ?କୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ୩ ନଗର ନିଗମକୁ ଦିଲ୍ଲୀ ସରକାର ସାବତା ମା' ଭଳି ବ୍ୟବହାର କରୁଥିବା ସେ ଅଭିଯୋଗ କରିଥିଲେ। ସେ କହିଛନ୍ତି, ୨୦୧୨ରେ କ'ଣ ପାଇଁ ଦିଲ୍ଲୀରେ ୩ ନଗର ନିଗମ ବ୍ୟବସ୍ଥା କରାଗଲା, ସେ ସମ୍ପର୍କରେ ରେକର୍ଡ ନାହିଁ। ସେ ଯାହା ବି ଏହି ଘଟଣାକୁ ୧୦ ବର୍ଷ ବିତି ଯାଇଥିଲେ ମଧ୍ୟ କିଛି ବି ଲାଭ ମିଳିନି।ଲୋକଙ୍କୁ ଉତ୍ତମ ସେବା ଦେବା ଲକ୍ଷ୍ୟରେ ନିଶ୍ଚିତ ୩ ନଗର ନିଗମର ବ୍ୟବସ୍ଥା କରାଯାଇଥିଲା। ହେଲେ ଏଯାଏ କେହି ବି ଲାଭ ପାଇନାହାନ୍ତି। ବର୍ତ୍ତମାନ ୩ ନଗର ନିଗମର ନୀତି ଅଲଗା। ଗୋଟିଏ ସହରରେ ୩ଟି ଯାକ ନିଗମ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଏକତା ନାହିଁ।ଏହାର ଅର୍ଥ ଏହାକୁ ୩ ଭାଗରେ ବିଭକ୍ତ କରିବା ବେଳେ ଏହାର ମାନବସମ୍ବଳ ଓ ଦାୟିତ୍ୱକୁ ଆକଳନ କରାଯାଇ ନଥିଲା। କୌଣସି ରାଜ୍ୟରେ ୨ଟି ପୌରପାଳିକା ନାହିଁ। ଏବେ ଦିଲ୍ଲୀରେ ମଧ୍ୟ ସମାନ ନୀତି ପ୍ରଣୟନ କରାଯିବ ବୋଲି ସେ କହିଛନ୍ତି।

## ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ ୭ ରେ

ଭୁବନେଶ୍ୱର, ୦୫।୬(ପି.ଏନ): ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି ରାଜ୍ୟ ବିଜେପି। ଏହାର ପ୍ରତିବାଦରେ ରାଜ୍ୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଓ ଅମିୟ ପାଣ୍ଡବ କହିଛନ୍ତି ଦରବୃଦ୍ଧିରୁ ଦେଶବାସୀଙ୍କୁ ମୁକ୍ତି ଦେବାପାଇଁ କଂଗ୍ରେସ ଦେଶତମାମ "ମହଙ୍ଗାଇ ମୁକ୍ତ ଭାରତ" ଅଭିଯାନର ଡାକରା ଦେଇଛି। ଗତ ମାର୍ଚ୍ଚ ୩୧ ତାରିଖରୁ ଦେଶତମାମ ଏହି ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ରାଜଧାନୀ ଭୁବନେଶ୍ୱରରେ ଶୋଭାଯାତ୍ରା ଓ ବିକ୍ଷୋଭ ମାଧ୍ୟମରେ ଏ ଅଭିଯାନକୁ କାର୍ଯ୍ୟକାରୀ କରାଯିବ।ସୁଦର୍ଶନ ଦାସ କହିଛନ୍ତି କେନ୍ଦ୍ରର ବିଜେପି ସରକାର ଦେଶବାସୀଙ୍କୁ ଏକ ଭୟଙ୍କର ପରିସ୍ଥିତିକୁ ଠେଲି ଦେଇଛି। ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କୁ ନୟାନ୍ତ ଏବଂ ତଳି ତଳାନ୍ତ କରିଦେଇଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦାମ ଉଦ୍‌ବେଗ ଜନକ ଭାବରେ ବଢ଼ି ଚାଲିଛି। ଏହାର ପ୍ରଭାବରେ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ପ୍ରବଳ ମାତ୍ରାରେ ବଢ଼ିଛି।କେନ୍ଦ୍ରର ୟୁପିଏ ସରକାର ସମୟରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦରରେ ସାମାନ୍ୟ ବୃଦ୍ଧି ବେଳେ ସ୍ମୃତି ଇରାନୀ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଚୁଡ଼ି ପିନ୍ଧାଇବା ପାଇଁ ନାରା ଦେଇଥିଲେ। ଏବେ କୁଆଡ଼େ ଗଲେ ସ୍ମୃତି ଇରାନୀ ଏବଂ ବିଜେପିର ଅନ୍ୟ ନେତାମାନେ ? ବାବା ରାମଦେବ ସେତେବେଳେ ମୋଦି ସରକାର ଆସିଲେ ୪୦ ଟଙ୍କାର ପେଟ୍ରୋଲ ମିଳିବ ବୋଲି କହିଥିଲେ। ଏବେ କୁଆଡ଼େ ଗଲେ ସେହି ରାମଦେବ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସରକାର ସମୟରେ ୨୦୧୨-୨୦୧୪ ସମୟ କାଳ ଭିତରେ ଅଶୌଧିତ ତୈଳ ଦର ଥିଲା ବ୍ୟାରେଲ ପିଛା ୧୦୮ ରୁ ୧୪୦ ଡଲାର। ସେତେବେଳେ ପେଟ୍ରୋଲ ଦାମ ଥିଲା ୭୧ ଟଙ୍କା ୪୧ ପଇସା ଓ ଡିଜେଲର ଦାମଥିଲା ୫୫ ଟଙ୍କା ୪୯ ପଇସା। ମାତ୍ର ଏବେ ୨୦୨୨ର ବିଜେପି ସରକାର ସମୟରେ ଅଶୌଧିତ ତୈଳର ଦାମ ହେଉଛି ୧୦୮ ଡଲାର। ୨୦୧୪ରେ କଂଗ୍ରେସ ସରକାର ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ଟ୍ୟାକ୍ସ ପରିମାଣ ଲିଟର ପିଛା ଯଥାକ୍ରମେ ଟ. ୯.୨୦ ଓ ଟ. ୩.୪୬ ଥିଲା। ମାତ୍ର ବର୍ତ୍ତମାନ ତାହା ଯଥାକ୍ରମେ ୨୦୩ ଓ ୫୩୧ ଶତାଂଶ ବୃଦ୍ଧି ପାଇଛି। ୨୦୧୪ ରୁ ୨୦୨୨ ଭିତରେ ବିଜେପି ସରକାର ଦେଶବାସୀଙ୍କ ପକେଟ କାଟି ଓ ସେମାନଙ୍କୁ ଲୁଟ କରି ରାଜକୋଷକୁ ଭର୍ତ୍ତି କରିବାରେ ଲାଗିଛନ୍ତି। ଏହି ସମୟ ଭିତରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରବୃଦ୍ଧି କରି ଲୋକଙ୍କ ଠାରୁ ୨୬ ଲକ୍ଷ କୋଟି ଟଙ୍କା ଲୁଟ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀ ଜନଧନ ଲୁଟ ଯୋଜନା ବୋଲି ଆଜି କଂଗ୍ରେସ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ରନ୍ଧନ ଗ୍ୟାସର ମୂଲ୍ୟ ୨୦୧୪ ରେ କଂଗ୍ରେସ ସରକାର ସମୟରେ ୪୧୦ ଟଙ୍କା ଥିଲା। ଏବେ ୯୭୬ ଟଙ୍କା ବା ୧୦୦୦ ଟଙ୍କାରେ ପଂହଚିଲାଣି। ୨୦୧୪ ତୁଳନାରେ ଏହା ୫୩୯.୫୦ ଟଙ୍କା ବୃଦ୍ଧି ପାଇଛି। ୨୦୧୨-୧୩ ରେ ଅଶୌଧିତ ଗ୍ୟାସର ଦାମ ପ୍ରତି ମେଟ୍ରିକ୍ ଟନ ପିଛା ଥିଲା ୮୮୫ ଡଲାର। ୨୦୧୪ ଏହା ଥିଲା ୮୮୦ ଡଲାର। ମାତ୍ର ୨୦୨୨ ରେ ଏହାର ଦାମ କମି ପ୍ରତି ମେଟ୍ରିକ୍‌ଟନ ପିଛା ୭୬୯ ଡଲାରରେ ପଂହଚିଛି। ମାତ୍ର ଯେତେବେଳ ୪୧୦ ଟଙ୍କାରେ ମିଳୁଥିବା ସିଲିଣ୍ଡର ଗ୍ୟାସ ଏବେ ୧୦୦୦ ଟଙ୍କା ରେ ପହଂଚିଛି। କେନ୍ଦ୍ର ବିଜେପି ସରକାର ପେଟ୍ରୋଲ ଓ ଡିଜେଲ ଉପରେ ସବସିଡି ବଢ଼ାଇବା ସହିତ ଟ୍ୟାକ୍ସ କମାଇବା ପାଇଁ କଂଗ୍ରେସ ଦୃଢ଼ ଦାବୀ କରିଛି।

## ଗୋଟିଏ ଦିନରେ ୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୫।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୭୫୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୩୨୨ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୧ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୫ ଜଣଙ୍କ ମଧ୍ୟରୁ ୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗତ ୨୪ ଘଂଟା ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଖୋର୍ଧା ଜିଲ୍ଲାରେ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୁରଭଂଜ, ନୂଆପଡା ଓ ସୁନ୍ଦରଗଡ ଜିଲ୍ଲାରେ ୧-୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟପୁଲରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଅନ୍ୟ ୨୫ ଟି ଜିଲ୍ଲାରୁ ଜଣେ ହେଲେ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦେର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଆଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ଷଡଯନ୍ତ୍ର



ଅଳ୍ପଦିନ ତଳେ ଏକ ଖବର ପ୍ରକାଶ ପାଇଥିଲା ଯେ, କେରଳର ମଲ୍ଲପୁରମର ବାସିନ୍ଦା ନଜୀବ ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇ ଇସଲାମିକ ଷ୍ଟେଟ ପାଇଁ କାମ କରୁଥିଲା । ଆଫଗାନିସ୍ତାନରେ ତାକୁ ମାରି ଦିଆଯାଇଛି । ନଜୀବ ତାମିଲନାଡୁର ଭେଲୋରରେ ଇଂଜିନିୟରିଂ ପଢୁଥିଲା । ୨୦୧୭ରେ ଆଇଏସ୍‌ଆଇଏସ୍ ରେ ସାମିଲ ହୋଇ ଆଫଗାନିସ୍ତାନ ଚାଲି ଯାଇଥିଲା ।

ବିଶ୍ୱରେ ଇସଲାମର ଶାସନ ପ୍ରତିଷ୍ଠା ପାଇଁ ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନ ସାରା ବିଶ୍ୱର ମୁସଲମାନମାନଙ୍କୁ ନିବେଦନ କରିଥିଲା । ୨୦୧୬ ରୁ ୨୦୧୮ ମଧ୍ୟରେ କେରଳର ଅନେକ ମହିଳା ନିଜ ସ୍ୱାମୀଙ୍କ ସହ ସିରିଆ ଓ ଆଫଗାନିସ୍ତାନର ଖୁରାସାନକୁ ଚାଲିଯାଇଥିଲେ । ସେଠାରେ ସେ ଆତଙ୍କବାଦୀ ସଂଗଠନରେ ଯୋଗଦେଇ ଇସଲାମିକ ଷ୍ଟେଟ ପାଇଁ କାମ କରିଥିଲେ । ବିଭିନ୍ନ ଘଟଣାରେ ସେମାନଙ୍କର ସ୍ୱାମୀଙ୍କୁ ହତ୍ୟା କରାଯିବା ପରେ ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ୨୦୧୯ ଡିସେମ୍ବରରେ ଆଫଗାନିସ୍ତାନର ପ୍ରଶାସନ ନିକଟରେ ଆତ୍ମସମର୍ପଣ କରି ଜେଲ ଯାଇଥିଲେ । ମାର୍ଚ୍ଚ ୨୦୨୦ରେ Stratnewsglobal.com ନାମକ ୱେବସାଇଟରେ ସେହି ମହିଳାଙ୍କ ସାକ୍ଷାତକାରର ଭିଡିଓ ସେୟାର କରାଯାଇଥିଲା । ସେହି ଭିଡିଓ ଆଧାରରେ ଯେଉଁ ୪ଜଣଙ୍କୁ ଚିହ୍ନଟ କରାଯାଇଥିଲା ସେମାନଙ୍କ ନାମ ହେଉଛି ଆୟଶା, ରଫିଲା, ମରିୟମ ଏବଂ ନିମିଶା ଓରଫ ଫାତିମା । ନ୍ୟାସନାଲ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି ଅଫ୍ ଇଣ୍ଡିଆ(ଏନଆଇଏ)୨୦୧୭ରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା । ଯେଉଁଥିରେ ୨୧ ଜଣ ମହିଳା ଓ ପୁରୁଷଙ୍କ ନାମ ଥିଲା । ସମସ୍ତେ କେରଳର ବାସିନ୍ଦା । ସେଥିରେ ସୋନିଆ ସେବିଷ୍ଟିୟନ ଓରଫ ଆୟଶାର ମଧ୍ୟ ନାମ ରହିଛି । ୨୦୧୬ରେ ଏମାନେ କେରଳରୁ ପଳାଇ ଯାଇ ଆଫଗାନିସ୍ତାନରେ ଆଇଏସ୍‌ଆଇଏସ୍ ରେ ଯୋଗ ଦେଇଥିଲେ । ଏନ୍‌ଆଇଏ ଏହାର ଚାର୍ଜସିଟରେ ଉଲ୍ଲେଖ କରିଛନ୍ତି ଯେ, ସୋନିଆ ଜଣେ ଇଂଜିନିୟର ସ୍ନାତକ । ସେ ତାଙ୍କ ସ୍ୱାମୀ ଅବଦୁଲ ରସିଦଙ୍କ ସହ ୩୧ ମେ ୨୦୧୬ରେ ମୁମ୍ବାଇ ବିମାନ ବନ୍ଦର ଛାଡିଛନ୍ତି । ଉଭୟ ସ୍ୱାମୀସ୍ତ୍ରୀ ଜୁଲାଇ ୨୦୧୫ରେ ପଦନ୍ନା ଏବଂ କାସରଗୋଡରେ ଇସଲାମିକ୍ ଷ୍ଟେଟ ପାଇଁ ଗୁପ୍ତ ପ୍ରଶିକ୍ଷଣର ଯୋଜନା କରିଥିଲେ । ଯେଉଁଥିରେ ଇସଲାମିକ ଷ୍ଟେଟ ଗଠନ ପାଇଁ ଜିହାଦର ତାଲିମ ଦିଆଯାଇଥିଲା ।

ତାଲିବାନର କ୍ରୁରତା ଓ କଟ୍ଟରତାବାଦର ବିଚାର ସାରା ବିଶ୍ୱପାଇଁ ବିପଦ ହୋଇ ଛିଡା ହୋଇଥିବା ବେଳେ କେରଳର କିଛି ଲୋକଙ୍କୁ ଏହା ପସନ୍ଦ ଲାଗୁଛି । ଏହି ବିଚାର ଆଗାମୀ ଦିନରେ ଦେଶପାଇଁ ବଡ ଚ୍ୟାଲେଂଜ ସୃଷ୍ଟି କରିବ ବୋଲି ୨୦୨୧ ମସିହା ଅକ୍ଟୋବର ପ୍ରଥମ ସପ୍ତାହରେ କେରଳର ଶାସନରେ ଥିବା ସିପିଏମ୍ ପାର୍ଟି ତରଫରୁ ଏକ ଖବରରେ ପ୍ରକାଶିତ ହୋଇଥିଲା । ଯେଉଁଥିରେ କୁହାଯାଇଥିଲା ଯେ ରାଜ୍ୟରେ ଥିବା ମୁସଲମାନମାନଙ୍କର ତାଲିବାନକୁ ସମର୍ଥନ କରିବାର ଭାବନା ଦିନକୁ ଦିନ ବୃଦ୍ଧି ପାଉଛି । ସିପିଏମ୍ ତାର ଆଭ୍ୟନ୍ତରୀଣ ରିପୋର୍ଟରେ କ୍ୟାଡର ମାନଙ୍କୁ ଆଲଟ ରହିବା ପାଇଁ କହିଛି । ଜମାତ-ଏ- ଇସଲାମିକ ସଂଗଠନ କେରଳରେ ତାର ତାଲିବାନୀ ଏଜେଣ୍ଡାକୁ ବଢ଼ାଇବାରେ ଲାଗିଛି । ଏଥିପାଇଁ ସେ ସାମାଜିକ ଗଣମାଧ୍ୟମ, ବୁକଲେଟ ଓ ବିଭିନ୍ନ ମାଗାଜିନକୁ ମାଧ୍ୟମ କରିଛି । ଅଣମୁସଲମାନଙ୍କ ମଧ୍ୟରେ ଏହି ବିଚାରକୁ ପ୍ରସାର କରିବାରେ ଲାଗିଛି । ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିକରି ଅସହାୟ ଖ୍ରୀଷ୍ଟିଆନମାନଙ୍କର ଫାଇଦା ହାସଲକରିବାକୁ ଜମାତ-ଏ-ଇସଲାମିକ ଚେଷ୍ଟା କରୁଛି । ଜମାତ-ଏ-ଇସଲାମିକ ଏହାକୁ ମନଗଢା କାହାଣୀ ବୋଲି କହିଛି । ସିପିଏମ୍ର ଏହି ଖବରକୁ ମିଥ୍ୟା ବୋଲି କୁହାଯାଇ ପାରିବ ନାହିଁ । ଏନ୍‌ଆଇଏକୁ ମଧ୍ୟ ଏ ବିଷୟରେ କିଛି ଖବର ମିଳିଛି । ଆଇଏସ୍‌ଆଇଏସ୍ ସହିତ କେରଳର ଅନେକ ସଂଗଠନ ସହିତ ସମ୍ପର୍କ ରହିଛି ।

କେରଳରେ କଣ ତାଲିବାନକୁ ସମର୍ଥନ କରୁଥିବା ସଂଖ୍ୟା ବଢ଼ିବାରେ ଲାଗିଛି କି? କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲୁଛି କି? କେରଳରେ ତାଲିବାନ ବିଚାରକୁ ବଢେଇବା ପାଇଁ ମହିଳାମାନଙ୍କୁ ଟାର୍ଗେଟ କରାଯାଉଛି କି? ଏ ପ୍ରଶ୍ନ ଏଇଥିପାଇଁ ଉଠିଚି କି କେରଳରେ ଶାସନ କରୁଥିବା ଦଳ ବିସ୍ଫୋଟକ ପର୍ଦ୍ଦାଫାସ କରିଥିଲା । ଅନେକ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ଯେ କେରଳରେ ସିପିଏମ୍‌ର ଯେଉଁ ତଳସ୍ତରର କମିଟିଗୁଡିକ ଅଛି ସେଥିରେ ଥିବା ବ୍ୟକ୍ତିମାନଙ୍କ ମନରେ ମଧ୍ୟ ଏହି ବିଚାରଧାରା ଭରି ରହିଛି । ପ୍ରଥମେ ସେମାନଙ୍କ ବିରୋଧରେ ସିପିଏମ୍ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କେବଳ ମୁସଲମାନମାନଙ୍କର ଚାଲ , ଚରିତ୍ର ବିଷୟରେ ଯଦି କେରଳ ସରକାର ଅବଗତ ତେବେ କାହିଁକି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଏବେ ପ୍ରଶ୍ନ ଉଠୁଛି । କେରଳ ରାଜ୍ୟ ସରକାର ଏହା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା । କେରଳର ଏହିପରି ଅନେକ ଘଟଣାକୁ ନେଇ ମଧ୍ୟ ଏକ ଚଳଚିତ୍ର ତିଆରି ହୋଇଛି । ସେଥିରେ ମଧ୍ୟ କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ଉପସ୍ଥାପନା କରାଯାଇଛି ।

କାଶ୍ମୀର ପଣ୍ଡିତଙ୍କ ନରସଂହାର ଉପରେ ଆଧାରିତ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'ଦି କାଶ୍ମୀର ଫାଇଲ୍ସ' ଚଳଚିତ୍ରକୁ ବିପୁଳ ସଫଳତା ମିଳିଛି । ଏହାପରେ ନିର୍ମାତା ଭିପୁଲ ଅମୃତଲାଲ ଶାହା ପୁଣି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ତିଆରି କରିଥିବା ଚଳଚିତ୍ରକୁ ବଡ ପରଦାକୁ ଆଣୁଛନ୍ତି । ଏହି ଚଳଚିତ୍ରର ନାମ ହେଉଛି 'କେରଳ କାହାଣୀ' (The Kerala Story) । କେରଳର ହଜାର ହଜାର ମହିଳାଙ୍କ ହୃଦୟ ବିଦାରକ ଘଟଣା ଏଥିରେ ବର୍ଣ୍ଣିତ ହୋଇଛି । ମାର୍ଚ୍ଚ ୨୨ ତାରିଖ ଦିନ ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟ ମୁକ୍ତିଲାଭ କରିଛି । ୟୁଟ୍ୟୁବରେ ସେୟାର ହୋଇଥିବା ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟର ଅବଧି ୧ ମିନିଟ ୧୦ ସେକେଣ୍ଡର । ଏଥିରେ ଦର୍ଶାଯାଇଛି ଯେ ଲଭଜିହାଦ, ଅପହରଣ ମାଧ୍ୟମରେ କେରଳରୁ ହଜାର ହଜାର ଝିଅମାନଙ୍କୁ ଆଇଏସ୍‌ଆଇଏସ୍ ବିଶ୍ୱର ଇସ୍ଲାମିକ ଯୁଦ୍ଧଗ୍ରସ୍ତ ଅଂଚଳକୁ ପଠାଉଛି । ସେଠାରେ ସେମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରାଯିବା ସହିତ ଯୌନଦାସୀ କରି ରଖାଯାଉଛି । କାହାଣୀ ଆରମ୍ଭରେ ଏକ ପ୍ରଶ୍ନ ପଚରାଯାଇଛି । ଯଦି ଆପଣଙ୍କ ଝିଅ ମଧ୍ୟରାତ୍ରି ପର୍ଯ୍ୟନ୍ତ ଘରକୁ ନଫେରେ ତେବେ ଆପଣ କିପରି ଅନୁଭବ କରିବେ ? ଏହାପରେ କୁହାଯାଇଛି ୧୨ ବର୍ଷ ମଧ୍ୟରେ ହଜାର ହଜାର ଝିଅ କେରଳରୁ ନିଖୋଜ ହୋଇ ଯାଇଛନ୍ତି ଏବଂ ଏପର୍ଯ୍ୟନ୍ତ ନିଜ ଘରକୁ ଫେରି ନାହାଁନ୍ତି । ତାପରେ ୨୦୦୬ ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଥିବା ଭି ଏସ୍ ଅଚ୍ୟୁତାନନ୍ଦ ଏଥିରେ କହିଛନ୍ତି 'କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ପପୁଲାର ଫ୍ରଟ ଅଫ୍ ଇଣ୍ଡିଆ (ଚରଓ) ପୁରା ଦମରେ ଲାଗି ଯାଇଛି । ନିଷିଦ୍ଧ ହୋଇଥିବା ସଂଗଠନ ଘଉର ପରି ଏହାର ଉଦ୍ଦେଶ୍ୟ ମଧ୍ୟ ସମାନ । ଆସନ୍ତା ୨୦ ବର୍ଷ ମଧ୍ୟରେ କେରଳକୁ ଇସ୍ଲାମିକ ଷ୍ଟେଟରେ ପରିଣତ କରିବା ସେମାନଙ୍କର ଉଦ୍ଦେଶ୍ୟ ।' ସମ୍ୟକ ଦୃଶ୍ୟରେ ଦେଖା ଯାଇଥିବା ଆକଳନ ଅନୁଯାୟୀ ୩୨,୦୦୦ରୁ ଅଧିକ ମହିଳାଙ୍କୁ କେରଳରୁ ଅପହରଣ କରାଯାଇ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍‌କୁ ବିକ୍ରି କରାଯାଇଛି । ସୁଦୀପ୍ତ ସେନେ ହେଉଛନ୍ତି କେରଳ କାହାଣୀ ଚଳଚିତ୍ରର ଲେଖକ ଓ ନିର୍ଦ୍ଦେଶକ ।

ଚଳଚିତ୍ରର ନିର୍ଦ୍ଦେଶକ ସୁଦୀପ୍ତ ସେନ୍ କହିଛନ୍ତି ଯେ, ''ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ ୨୦୦୯ ମସିହାରୁ କେରଳ ଏବଂ ମାଙ୍ଗାଲୋରରୁ ପ୍ରାୟ ୩୨,୦୦୦ ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅମାନଙ୍କୁ ଧର୍ମାନ୍ତରିତ କରାଯାଇଛି । ସେମାନେ ଇସଲାମ ଧର୍ମ ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସିରିଆ, ଆଫଗାନିସ୍ତାନ ଏବଂ ଅନ୍ୟାନ୍ୟ ଅଂଚଳରେ ଥିବା ଆଇଏସ୍‌ଆଇଏସ୍‌ମାନଙ୍କ ନିକଟକୁ ପଠାଇ ଦିଆଯାଇଛି ।''

ଚଳଚିତ୍ର ନିର୍ମାଣ କରିବା ପୂର୍ବରୁ ସୁଦୀପ୍ତ ଏହି ବିଷୟ ଉପରେ ଅନେକ ଗବେଷଣା କରିଥିଲେ । ଏହି ସମୟ ମଧ୍ୟରେ ସେ ଆହୁରି ମଧ୍ୟ ଜାଣିବାକୁ ପାଇଥିଲେ ଯେ, ଅପହରଣ କରାଯାଇଥିବା ଅଧିକାଂଶ ଝିଅ ଏବେ ଆଫଗାନିସ୍ତାନ ଏବଂ ସିରିଆର କାରାଗାରରେ ଅଟକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଇଏସ୍ ଆଇଏସ୍ ଆତଙ୍କବାଦୀଙ୍କୁ ବିବାହ କରିଛନ୍ତି ଓ ଅନେକ ଯୌନ ଦାସୀ ସାଜିଛନ୍ତି ।

**—ଗୋଲଖ ଚନ୍ଦ୍ର ଦାସ, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩**

# କେତେକ ଅସମାହିତ ପ୍ରଶ୍ନ



ଆଜିକାଲି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଦିନକୁ ଦିନ ବଢୁଛି ଯୌଥ ପରିବାର ବଦଳରେ ଏକାର୍ଣ୍ଣବତୀ ପରିବାର ମଧ୍ୟ ବଢୁଛି । ଅନେକ କ୍ଷେତ୍ରରେ ପରିଣତ ବୟସରୁ ବାପ-ମାଆଙ୍କ ପାଇଁ ପିଲାମାନେ ସେବା, ସ୍ନେହ, ସୁଯୋଗ ଦିଅନ୍ତି ନାହିଁ । ତେବେ ଭାରତୀୟ ସନାତନ ସଂସ୍କୃତି ବିଶ୍ୱାସ କରେ ଜୀବନରେ ହେଉଛି ଗୋଟିଏ ଧର୍ମ ତାହା ହେଉଛି ମଣିଷ ଧର୍ମ । ସରକାରଙ୍କ ଅଧୀନରେ ସମସ୍ତ ମନ୍ଦିର ରହିବା ଉଚିତ କି? ଯଦି ହଁ, ତେବେ ଗୁରୁଦ୍ୱାର, ଚର୍ଚ୍ଚ ଓ ମସଜିଦକୁ ସରକାର ନିଜ ହାତକୁ ନେବା ଉଚିତ ହେବ କି? ଝିଅମାନେ ବାପଘରେ, ମୌରସି ସମ୍ପତ୍ତିରେ ଯଦି ସମାନ ଭାଗ ପାଇବେ, ତେବେ ବାହାଘର ସମୟରେ ଯୌଥ ପରିବାରରୁ ଝିଅମାନଙ୍କୁ ଯେଉଁ ଯୌତୁକ ଦିଆଯାଇଥାଏ ତାହାସବୁ ବଣ୍ଟନ ସମୟରେ ବଣ୍ଟନଭୁକ୍ତ କରାଯିବା ଉଚିତ ହେବ କି? ଯଦି ଜଣେ ପୁଅ, ତାକୁ ୨୧ ବର୍ଷ ହେବା ପୂର୍ବରୁ ବିବାହ କରିଥାଏ, ସେ ବିବାହ କୁ ଅବୈଧ ଘୋଷଣା କରାଯିବା ଉଚିତ ହେବ କି? ଜଣେ ବ୍ୟକ୍ତିର ପ୍ରକୃତ ଅସୁବିଧା ସେ କଚେରୀରେ ଡିଗ୍ରୀ ପାଇବା ପରେ ଆରମ୍ଭ ହୋଇଥାଏ କି? ଜଣେ ବ୍ୟକ୍ତିକୁ ଡିଗ୍ରୀରେ ପାଇଥିବା ଫଳ ପାଇଁ ବାରମ୍ବାର କୋର୍ଟକୁ ଦୌଡ଼ିବାକୁ ପଡ଼ିଥାଏ । ତେଣୁ ଏପରିସ୍ଥଳେ ପ୍ରତ୍ୟେକ ଡିଗ୍ରୀର ଫଳ ପାଇବା ପାଇଁ ଆଇନରେ ସମୟସୀମା ନିର୍ଦ୍ଧାରଣ ହେବା ଉଚିତ କି? ଏ ଦାୟିତ୍ୱ ସରକାର ବହନ କରିବା ଉଚିତ କି? କୋଭିଡ଼-୧୯ ମହାମାରୀରେ ପ୍ରାଣ ହରାଉଥିବା ପିତାମାତା ବିହୀନ ଶିଶୁମାନଙ୍କ (ଖାଦ୍ୟ, ଶିକ୍ଷା, ବାସ ଓ ଚିକିତ୍ସା) ପାଇଁ ସରକାର କି କି ନୀତି ପ୍ରଣୟନ କରିଛନ୍ତି? ଏ କ୍ଷେତ୍ରରେ ବିଳମ୍ବ କଣ ପାଇଁ ମାନବ୍ୟର ସୁପ୍ରିମକୋର୍ଟ ହସ୍ତକ୍ଷେପ କରୁଛନ୍ତି । ଜଣେ ନିଜକୁ ଯୌନକର୍ମୀ କହି, ଆବାସିକ ପ୍ରମାଣପତ୍ର ନଥାଇ, ଆଧାର କାର୍ଡ଼ ପାଇଁ ଆବେଦନ କରିବା ଓ ପ୍ରାପ୍ତ ହେବା ଯଥାର୍ଥ କି? ବଡ଼ ଧରଣର ଲଣ୍ଡ୍ରି (ଯେଉଁଠାରେ ଲୁଗା ସଫା ହୁଏ) ତାହା ଫ୍ୟାକ୍ଟ୍ରିସ ଆକ୍ଟର ଅଧିନ ହେବା ଉଚିତ କି? ନାଗରିକ ଅଧିକାର ବଡ଼ ନା ସାମରିକ ଅଧିକାର ଭାରତରେ ବଡ଼? ଯଦି ଗୋଟିଏ ଝିଅ ଏକ ଘରୋଇ ସଂସ୍ଥାରେ ଅନୁବନ୍ଧିତ ହୋଇ ଚାକିରୀ କରିଥାଏ ଯେ ସେ ଚାକିରୀ କାଳରେ ଅନ୍ୟ ସମସ୍ତ କର୍ମଚାରୀ ଯେତିକି ଦିନ ଛୁଟି ପାଇବାକୁ ଯୋଗ୍ୟ ସେ ମଧ୍ୟ ସେତିକି ଦିନ ଛୁଟି ପାଇବେ । କିନ୍ତୁ ବିବାହ ପରେ ସେ ମାର୍ଟିନଟି ଲିଭ ବାରମ୍ବାର ନେଇପାରିବେ କି? ପୂର୍ବ ଅନୁବନ୍ଧିତ ନିୟମ ତାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇପାରିବ କି? ପରିଶେଷରେ ଏହା କୁହାଯାଇପାରେ ପାର୍ଟ ଟାଇମ ଲ'ଡିଗ୍ରୀ ହାସଲ କରିଥିବା ଓକିଲ ବାର କାଉନସିଲ ଗୁଡ଼ିକରୁ ଓକିଲାତି ଲାଇସେନ୍ସ ପାଇବାକୁ ଯୋଗ୍ୟ ହେବେ କି?

**ଭବାଶିଷ ଦାସ,** ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩

# ଭାଗବତ ଗାଦି ବଡ଼ଦାଣ୍ଡ ସେବାକାର୍ଯ୍ୟ






କଟକ (ପିଏନ୍): କଟକ ଧବଳେଶ୍ୱର ଗଡ଼ା ବ୍ରଜବିହାରୀପୁରସ୍ଥିତ ଆଜିକି ପାଞ୍ଚବର୍ଷ ହେଲା ପ୍ରତ୍ୟେହ ଭାଗବତ ପାଠ ଓ ସହସ୍ରାଧିକ ଲୋକମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଛି । ସ୍ୱର୍ଗତଃ ନାରାୟଣ ଓଝା ଓ ଚମ୍ପା ଓଝାଙ୍କ ଆଦର୍ଶରେ ଅନୁପ୍ରାଣୀତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ତ୍ରିନାଥ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଷର ପ୍ରତି ପୂର୍ଣ୍ଣିମାରେ ଅସହାୟ, ବୁଢ଼ାବୁଢ଼ୀ ଓ ଛୋଟପିଲାଙ୍କ ପାଇଁ ମହାପ୍ରସାଦ ସେବନ ବ୍ୟବସ୍ଥା ଓ ଆଧ୍ୟାତ୍ମିକ ସେବାକାର୍ଯ୍ୟ ସମ୍ପାଦନ ହେଉଛି । ପ୍ରତିବର୍ଷ ଚାରଟି ପୂର୍ଣ୍ଣିମାରେ ଦୁଇହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ଓ ମାଗଣା ଔଷଧ ପତ୍ର ବଣ୍ଟନ ହୁଏ । କାର୍ଯ୍ୟକ୍ରମକୁ ସମ୍ପାଦକ ଗଜେନ୍ଦ୍ର ନାୟକ, ଲୋଚନ ବାରିକ, ଦୀପକ ବାରିକ, ଟୁଲିଆ ସ୍ୱାଇଁ, ମନୋଜ ସାହୁ, ସନ୍ତୋଷ ମିଶ୍ର, ହେମାରାଣୀ ଓଝା ପ୍ରମୁଖ ପରିଚାଳନା କରିଥାନ୍ତି । ସରକାରଙ୍କ ବିନା ସହାୟତାରେ କିଛି ବଦାନ୍ୟ ବ୍ୟକ୍ତିତ୍ୱଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥାଏ । କାର୍ଯ୍ୟକ୍ରମ ପାଇଁ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସହଯୋଗ ରଖୁଥିଲାବେଳେ ପ୍ରତି ମାସରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ବିପର୍ଯ୍ୟୟ ସମୟରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥା ଉପରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା



ବାଲେଶ୍ୱର (ପିଏନ୍)- ସମ୍ଭାବ୍ୟ ବାତ୍ୟା ଓ ସୁନାମିକୁ ଦୃଷ୍ଟିରେ ରଖି ବିଭିନ୍ନ ବିପର୍ଯ୍ୟୟ ସମୟରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ସ୍ଥାନୀୟ ଓସଓ୍ୱାନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜଓ୍ୱାନା କଅକବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଜରୁରୀକାଳୀନ କକ୍ଷ ବେତାର ଯନ୍ତ୍ରୀ ସତ୍ୟବ୍ରତ ସାହୁ ଓ ଶୀତଳ ପ୍ରସାଦ ସାମଲ ଯୋଗ ଦେଇ ବିପର୍ଯ୍ୟୟ ପୂର୍ବରୁ ପ୍ରାକ ସୂଚନା ବିତରଣ ବ୍ୟବସ୍ଥା ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରିବା ସହିତ ବିସ୍ତୃତ ଆଲୋଚନା କରିଥିଲେ । କର୍ମଶାଳାରେ ଉପସ୍ଥିତ ଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ଓ ବାଲେଶ୍ୱର ସଦର ବ୍ଲକ କାର୍ଯ୍ୟାଳୟର କର୍ମକର୍ତ୍ତା ଏବଂ ବିଭିନ୍ନ ପ୍ରାକ ବିପଦ ସୂଚନା ବିତରଣ କେନ୍ଦ୍ରର ସମ୍ପାଦକମାନଙ୍କୁ ମଧ୍ୟ ସେମାନେ ଏ ସଂକ୍ରାନ୍ତରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରାକ୍ ବିପଦ ସୂଚନା ବିତରଣ କେନ୍ଦ୍ରରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଯଥା ଡିଏମଆର ରେଡିଓ, ସଂକେତଧ୍ୱନି ଯନ୍ତ୍ର, ସଂଚାର ମାଧ୍ୟମ, ବିଭିନ୍ନ ବିକଳ୍ପ ବ୍ୟବସ୍ଥା ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଓ ୟୁନିସେଫ୍ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ଉପସ୍ଥିତ ରହି ଏହାର ସୁପରିଚାଳନା କରିଥିଲେ ।

## କେନ୍ଦ୍ରାପଡା କଲେଜ ବାଣିଜ୍ୟ ବିଭାଗ ପୁରାତନ ଛାତ୍ରବନ୍ଧୁଙ୍କ ମିଳନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ୨୦୧୦ ବ୍ୟାଚର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବାଣିଜ୍ୟ ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରେରଣାରେ ଏବଂ ଅଧ୍ୟାପକ ବିଭବ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବିଭାଗର ପ୍ରାକ୍ତନ ଅଧ୍ୟାପକ ଗିରିଶ କୁମାର ପାତ୍ର, ବିନ୍ଦୁମିତ୍ର ବଳ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଅଧିକାରୀ, କୈଳାସ ଚନ୍ଦ୍ର ଲେଙ୍କା, ବୀରେନ କୁମାର ରାଉତ, ବର୍ତ୍ତମାନର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜ୍ଞାନରଞ୍ଜନ ଦାସ, ଅଧ୍ୟାପକ ରଞ୍ଜିତ କୁମାର ଦାସ, ବିଭାଗର ଅନ୍ୟତମ ଅଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ଓ୍ୱାଇ ପଦ୍ମାବତୀ, ରଞ୍ଜିତା ଗଡ଼ସରା, ଆର୍ଯ୍ୟାସ୍ମିତା କର ପ୍ରମୁଖ ଯୋଗଦେଇ ସେହି ପୁରାତନ କଲେଜ ଜୀବନର ସ୍ମୃତିକୁ ରୋମନ୍ଥନ କରିଥିଲେ । ବିଭାଗର କର୍ମଚାରୀ ଦେବ ନାରାୟଣ ବାରିକ, ସୁବାସ ଗୋଛାୟତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ପୁରାତନ ଛାତ୍ର ଅବିନାଶ ପ୍ରଧାନ, ସତ୍ୟରଞ୍ଜନ ସୁଆର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶୁଭନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ର ଚିତ୍ତରଞ୍ଜନ ପତ୍ରୀ, ସୁଭାଶିଷ ଦାସ, ବିକାଶ ଜେନା, ସତ୍ୟଶିବ ପଣ୍ଡା, ଦୀପକ ପରିଡା, ସରୋଜକାନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଉତ୍କଳ ଦିବସ ବନାମ ଓଡ଼ିଶା ଦିବସ

## (ଅପ୍ରେଲ ୧ ବନାମ ନଭେମ୍ବର ୨୧)






ଆମ ରାଜ୍ୟର ନାମ ଓଡ଼ିଶା । ଓଡ଼ିଶାର ଯେଉଁ ଜାତି ଆବହମାନ ଯୁଗରୁ ଓଡ଼ିଆ ଭାଷାରେ ଭାବର ଆଦାନ ପ୍ରଦାନ କରି ଆସୁଛନ୍ତି ସେମାନଙ୍କୁ ଓଡ଼ିଆ କୁହନ୍ତି । ସେମାନେ ଏ ମାଟିର ଅଧିବାସୀ । ଏମାନଙ୍କର ଉଭୟ ଲିଖିତ ଏବଂ କଥିତ ଭାଷାହିଁ ଓଡ଼ିଆ । ଓଡ଼ିଆ ଶବ୍ଦଟି 'ଉଡ୍ରୀୟ' ଶବ୍ଦର ରୂପାନ୍ତରିତ ରୂପ । ଭାରତ ମୁନିଙ୍କ ରଚିତ ନାଟ୍ୟଶାସ୍ତ୍ର ନାମକ ପ୍ରାଚୀନ ଗ୍ରନ୍ଥରେ ଶବର, ଆଭୀର ଓ ଉଡ୍ର ଜାତିମାନଙ୍କର ଏହା କଥିତ ଭାଷା ବୋଲି ଲେଖାଅଛି । ସେହି ଦୃଷ୍ଟିରୁ ବିଚାର କଲେ ପ୍ରାୟ ଦୁଇ ହଜାର ବର୍ଷ ତଳେ ଏହି ଅଞ୍ଚଳରେ ଔଡ୍ରି ବା ଉଡ୍ରୀୟା ନାମକ ଏକ କଥିତ ଭାଷା ଥିଲା ଯାହା କାଳକ୍ରମେ ଓଡ଼ିଆ ଭାଷା ରୂପେ ପରିବର୍ତ୍ତିତ ହୋଇଛି । ବୌଦ୍ଧ ମହାଜାନ ଦୋହା ଏବଂ ସେହି ସମୟର ଆଉ କିଛି ସାହିତ୍ୟକୁ ଆଧାର କରି ଅନେକ ମତ ଦିଅନ୍ତି ଯେ ଖ୍ରୀଷ୍ଟୀୟ ନବମ ବା ଦଶମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ନିର୍ଦ୍ଦିଷ୍ଟ ରୂପ ନେଇସାରିଥିଲା । ତେବେ ଉଡ୍ରୀୟା ବା ଉଡ୍ରୀର କ୍ରମ ପରିବର୍ତ୍ତନ, ବିବର୍ତ୍ତନ ଏବଂ ଅପଭ୍ରଂଶରୁ ଓଡ଼ିଆ ଭାଷାଟି ସୃଷ୍ଟି ବୋଲି ଆପେକ୍ଷିକ ଭାବେ ପ୍ରାୟତଃ ବ୍ୟାକରଣକାର ବା ପଣ୍ଡିତମାନେ ଏକମତ । କିନ୍ତୁ ଓଡ଼ିଶା ଏକ ଦେଶ ଥିଲା, ଏହାର ସ୍ୱତନ୍ତ୍ର ସୀମାରେଖା ଥିଲା ଓ ଏହାର ଲୋକେ ଓଡ଼ିଆ କହୁଥିଲେ, ଏମିତି ଏକ ସ୍ୱତଃସିଦ୍ଧ ପ୍ରମାଣ ବା ସିଦ୍ଧାନ୍ତ କପିଳେନ୍ଦ୍ର ଦେବଙ୍କ ପୂର୍ବରୁ କେହି ଦେଇନାହାଁନ୍ତି । ଓଡ଼ିଶାକୁ ଏକ ଦେଶ ଭାବରେ ଗଢ଼ିତୋଳିବା ଏବଂ ଓଡ଼ିଆକୁ ତାର ଭାଷା ରୂପେ ସ୍ୱୀକୃତି ଦେବା ଏବଂ ଘୋଷଣା କରିବାରେ କପିଳେନ୍ଦ୍ରଦେବ (୧୪୩୫-୧୪୬୮) ହେଉଛନ୍ତି ପ୍ରଥମ । ଏ ସଂପର୍କିତ କିଛି ଐତିହାସିକ ତଥ୍ୟ ଏଠାରେ ଉପସ୍ଥାପନ କରାଗଲା । କପିଳେନ୍ଦ୍ର ଦେବ ଜଣେ ଖାଣ୍ଟି ଓଡ଼ିଆ ସମ୍ରାଟ ଥିଲେ । ସିଂହାସନ ଆରୋହଣ କରିବାର ଅବ୍ୟବାହିତ ପରେ ସେ ଓଡ଼ିଆ ଭାଷାରେ ଘୋଷଣା ଜାରି ରଖିଥିଲେ...: ଓଡ଼ିଶା ଇତିହାସ : ଡ. ଅତୁଲ ଚନ୍ଦ୍ର ପ୍ରଧାନ । "Kapilendra Dev was a native of Orissa and the founder of previous Ganga and Somevansi dynasties and others all had come from outside. So after enturies on Oriya ruled his own people giving them a sense of pride and self-respect, hopes ad aspirations leading them to battle fields for his extensive conquests and opening to them a new geographical horizon. Kapilendra Dev is only next to Kharavela in building of an orissan empire, ….. In consequencs, he succeeded in building up a fire flung empire stretching from the river Hooghly in the noth to the river Kaveri in south : History of Orissa by K.C. Panigrahi.

* A love for Orissa and for its language and literature became the order of Kapilendra's reign and inspired by this new idealism, Sarala Das, a sudra by caste : created the first and the vast Oriya literature which in its quality, contents and bulks is still considered to be the greatest single Oriya literature. Thus a new age of Renaissance started in Orissa : K.C. Panigrahi.

* There was no ancient name to indicate the entire state of Orissa of today and that, some grographical names, not only covered parts of Orissa but also of other territories, the names of territorial units to which particular areas belonged often changed and the boundaries of such units also sometimes varied from time to time : D.C. Sirear.

* It is held that the modern Odisha or Orissa has been derived from the word Odra which denoted an area in the past. The jagannath temple inscription of Gajapati Kapilendra Dev (A.D.. 1436) for the first time mentions Odisha Rajya. In the Mahabharata of Sarala (15th Cen. A.D.) Orissa is mentioned as Odra Rastra or Odisha Rastra. But Odra did not denote the whole present Orissa. : Early temples of Orissa by A.N. Parida." ଉପରୋକ୍ତ ଉଦ୍ଧୃତାଂଶରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଉଯେ 'ଉଡ୍ର ବା ଉଡ୍ରୀୟାରୁ ଓଡ଼ିଆ ଭାଷାର ସୃଷ୍ଟି । 'କପିଳେନ୍ଦ୍ର ଦେବଙ୍କ ପୂର୍ବରୁ କିଛି ଅଂଚଳ ଥିଲା ଯାହାର ଭାଷା ଉଡ୍ରୀୟା ଥିଲା । କପିଳେନ୍ଦ୍ର ଦେବ ସଂଗଠିତ ଭାବେ ଓଡ଼ିଆ ଦେଶର ପ୍ରତିଷ୍ଠା କଲେ । ସେ ଓଡ଼ିଆ ଭାଷାକୁ ତାଙ୍କ ରାଷ୍ଟ୍ରର ଲିଖିତ ଓ କଥିତ ଭାଷା ରୂପେ ଘୋଷଣା ଓ ପ୍ରଚଳନ କରିଥିଲେ । ସେତେବେଳ ଓଡ଼ିଶା ଦେଶର ସୀମାରେଖା ଉତ୍ତରରେ ଗଂଗା ଓ ଦକ୍ଷିଣରେ ଗୋଦାବରୀ / କାବେରୀ ଯାଏଁ ବିସ୍ତୃତ ଥିଲା । ସେ ଏକମାତ୍ର ଓଡ଼ିଆ ପୁଅ ଯିଏକି ରାଜ ସିଂହାସନ ଆରୋହଣ କରିଥିଲେ । ସେ ସାମ୍ରାଜ୍ୟକୁ ଏକତ୍ରୀକରଣ ଓ ମଜବୁତ୍ କରିବାରେ ଦ୍ୱିତୀୟ ଖାରବେଳ ଥିଲେ । ସେ ଜଣେ ପ୍ରଚଣ୍ଡ ଓଡ଼ିଆ ଓ ଓଡ଼ିଶା ଦେଶପ୍ରେମୀ ଥିଲେ ଏବଂ ପ୍ରଜାମାନଙ୍କର ଆଶା ଓ ଆକାଙ୍କ୍ଷା ପୂରଣରେ ଏବଂ ଯାବତୀୟ ସୁଖ ଦେବାରେ ତତ୍ପର ଥିଲେ । କପିଳେନ୍ଦ୍ର ଦେବଙ୍କ ଅନ୍ତେ ଭୋଇ ବଂଶ ଏବଂ ଚାଲୁକ୍ୟ ବଂଶ ଶାସନ କରିଥିଲେ । ତା'ପରେ ସମୟ କ୍ରମେ ମୋଗଲ ଓ ମହରଟ୍ଟାଙ୍କର ପ୍ରଭାବ ରହିଲା । ଶେଷକୁ ୧୮୦୩ରେ ଇଂରେଜ ଶାସନକୁ ଓଡ଼ିଶା ଚାଲିଗଲା । ଓଡ଼ିଶା ତା' ନିଜସ୍ୱ ସୀମାରେଖାରେ ଅସ୍ତିତ୍ୱ ହରାଇଲା ଏବଂ ତାହାକୁ ଭାଗ ଭାଗ କରି ବଂଗ ବିହାର ଏବଂ ମାନ୍ଦ୍ରାଜ ପ୍ରେସିଡେ଼ନ୍ସିରେ ମିଶାଇ ଦିଆଗଲା । ଅବଶ୍ୟ ଓଡ଼ିଆ ଭାଷା ଓଡ଼ିଆମାନଙ୍କ ମଧ୍ୟରେ ତିଷ୍ଠିଥିଲା ଏବଂ ସମଗ୍ର ଓଡ଼ିଆ ଜାତି ଏକତ୍ର ହୋଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଚିନ୍ତିତ ଓ ଚେଷ୍ଟିତ ଥିଲେ । କପିଳେନ୍ଦ୍ରଦେବଙ୍କ ସମୟର ଓଡ଼ିଶା ପରବର୍ତ୍ତୀ ସମୟରେ ଖଣ୍ଡ ବିଖଣ୍ଡିତ ହୋଇଗଲା । ରାଜ୍ୟର ରାଜା, ତାଙ୍କ ରାଜ୍ୟ ଜୟ, ପରାଜୟ ଏବଂ ଶାସନ ନେଇ ରାଜ୍ୟ ସୀମାରେଖାର ଭାଗ୍ୟ ନିର୍ଣ୍ଣୟ ହେଲା । ଏମିତିରେ କଳିଙ୍ଗ ଥିଲା ଗୋଟିଏ ଛୋଟ ରାଜ୍ୟ । ତେବେ ହୁଏନ୍‌ସାଂଙ୍କ ବିବରଣୀରୁ ଜଣାଯାଏ ଯେ ଉଡ୍ର, ଦେଶ ଏବେକାର ମେଦିନାପୁର, ପଶ୍ଚିମବଙ୍ଗର କିଛି ଅଂଶ ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ପୁରୀକୁ ନେଇ ଗଠିତ ଥିଲା । ଅଶୋକଙ୍କ ସମୟର କଳିଙ୍ଗ ତୋଶାଳୀ, ଧଉଳି, କୌଶଲ୍ୟାଗଂଗକୁ ଧରି ଆନ୍ଧ୍ରର କିଛି ଅଂଶ ଯାଏଁ ବିସ୍ତୃତ ଥିଲା । କଳିଙ୍ଗ ନଗର ଥିଲା ଏହାର ରାଜଧାନୀ । ଏହିପରି ଉତ୍‌ଥାନ ପତନ ଭିତରେ ଓଡ଼ିଶା ତା'ର ସ୍ୱତନ୍ତ୍ର ରୂପନେଲା ୧୯୩୬ ମସିହା ଏପ୍ରିଲ ପହିଲାରେ । ଓଡ଼ିଶାରେ ନାଁ କ୍ରମାନ୍ୱୟରେ ଉଡ୍ର, ଓଡ଼ିଶା, କଳିଙ୍ଗ ଏବଂ ଉତ୍କଳ ଇତ୍ୟାଦି ନାମରେ ବିଦିତ । କଳାର ଉତ୍କର୍ଷତା କାରଣରୁ ଏହାର ନାମ ଉତ୍କଳ । ଏହି କାରଣରୁ ଓଡ଼ିଶାର ସ୍ୱତନ୍ତ୍ର ରୂପକୁ ଉତ୍କଳ ପ୍ରଦେଶ ବୋଲି କୁହାଗଲା ଏବଂ ୧୯୩୬ ଅପ୍ରେଲ କହିଲାକୁ ପ୍ରଥମ ଉତ୍କଳ ଦିବସ ବୋଲି ଗ୍ରହଣ କରାଗଲା । ଏଥିପାଇଁ ମଧୁସୂଦନ ଦାସ, ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ଗୋପବନ୍ଧୁ ଦାସ ଓ ଫକିର ମୋହନ ସେନାପତି ଇତ୍ୟାଦି ପ୍ରାତଃ ସ୍ମରଣୀୟ କାରଣ ସେମାନଙ୍କର ବିନା ପ୍ରଚେଷ୍ଟାରେ ଏହା ସଂଭବ ହୋଇନଥାନ୍ତା । ଏସବୁ ସତ୍ତ୍ୱେ ଭାଷାରେ କେଁ ରହିଗଲା । ଇଂରେଜମାନେ ସେମାନଙ୍କର ଦସ୍ତାବିଜ୍‌ରେ ଇଂରାଜୀରେ ଓଡ଼ିଶାକୁ ଓରିଶା ଏବଂ ଓଡ଼ିଆକୁ ଓରିଆ ମୋହର ଦେଇଥିଲେ ଯାହାକି ବନାନ ଓ ଉଚ୍ଚାରଣଗତ ତ୍ରୁଟି । ଏହା ଏ ଜାତିର ମର୍ଯ୍ୟାଦା ପ୍ରତି ହାନିକାରକ । ଆମେ ପ୍ରତିବାଦର ସ୍ୱର ଉଠାଇଲୁ; ଆମକୁ ଅବିକଳ ଆମରୂପରେ କୁହ । ଆମ ରାଜ୍ୟ ବିଧାନସଭାରେ ୨୦୦୮ ମସିହାରେ ଏଥିପାଇଁ ଏକ ବିଲ୍ ଅଣାଗଲା ଏବଂ ଏହାକୁ ଅନୁମୋଦନ ପରେ ଭାରତର ସଂସଦକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇ ଦିଆଗଲା । ଏହା ୨୦୧୦ ମସିହାରେ ସଂସଦର ଉଭୟ କକ୍ଷରେ ଅନୁମୋଦନ ପାଇ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ନିମନ୍ତେ ପଠାଗଲା । ଏହା ଥିଲା ଓଡ଼ିଶା ନାମ ପରିବର୍ତ୍ତନ ବିଲ୍ ୨୦୧୦ ଓ ସଂବିଧାନ ସଂଶୋଧନ ୧୧୩ତମ ବିଲ୍, ୨୦୧୦ ଭାବେ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲଙ୍କ ଦ୍ୱାରା ଗୃହିତ ହେବାପରେ ଭାରତ ସରକାରଙ୍କର ଗେଜେଟ୍ ନୋଟଫିକେସନ ଦ୍ୱାରା ୨୧ ନଭେମ୍ବର ୨୦୧୧ଠାରୁ କାର୍ଯ୍ୟକାରୀ ହେଲା । ଅର୍ଥାତ୍ ଏପ୍ରିଲ୍ ୧କୁ ଉତ୍କଳ ଦିବସ ଏବଂ ନଭେମ୍ବର ୧କୁ ଓଡ଼ିଶା ଦିବସ ରୂପେ ଗୃହିତ କରାଗଲା । ପ୍ରଥମଟି ସୀମା ବା କଳେବର ଦୃଷ୍ଟିରୁ ଏବଂ ଦ୍ୱିତୀୟଟି ଭାଷା ଦୃଷ୍ଟିରୁ ଗ୍ରହଣ କରାଗଲା । ଏହାକୁ ଯଥା ସମ୍ମାନ ଦେବା ଆମର ଉଚିତ୍ । ଏସବୁ ସତ୍ତ୍ୱେ ଆମେ ବୁଝିବାକୁ ଏହା ଠିକ୍ ଥାଇପାରେ; କିନ୍ତୁ ସେହି ଇଂରାଜୀ ଭାଷାରେ ଆନ୍ତର୍ଜାତିକ ସ୍ତରରେ ପ୍ରମାଦମୁକ୍ତ ନୁହେଁ । ଓଡ଼ିଶା ଏବଂ ଓଡ଼ିଆ ଶବ୍ଦ ଦୁଇଟିକୁ ଆମେ ଇଂରାଜୀରେ ଯଥାକ୍ରମେ ଙ୍ଘୟସଜ୍ଝଷବ ଏବଂ ଙ୍ଘୟସବ ଭାବେ ଗ୍ରହଣ କରିଛୁ । 'ଙ୍' ର ଉଚ୍ଚାରଣ ଇଂରାଜୀରେ 'ଦ' ବେଳେ ଓଡ଼ିଆରେ 'ଡ୍', 'ଡ' ବା 'ଦ' ରୂପେ ଗ୍ରହଣ କରିଛୁ । ଇଂରାଜୀରେ 'ଡ' ଉଚ୍ଚାରଣ ନାହିଁ । ଓଡ଼ିଆରେ 'ଡ'ର ବ୍ୟବହାର ଶବ୍ଦର ପ୍ରଥମରେ ଅଛି କିନ୍ତୁ ଶବ୍ଦର ମଧ୍ୟଭାଗ ବା ଶେଷରେ ଅତିରିକ୍ତ ବର୍ଣ୍ଣ ଡ଼ ରୂପେ ବ୍ୟବହୃତ ହୁଏ ଯେମିତି ଡଗର, ମଡ଼କ ଏବଂ ମାଡ଼ । ଇଂରାଜୀରେ ଏହି ଦୃଷ୍ଟିରୁ ବିଚାର କଲେ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶା ଏବଂ ଓଡ଼ିଆକୁ ଓଦିଶା ଓ ଓଦିଆ ରୂପେ ଉଚ୍ଚାରଣ କରିବେ । ଯେମିତି ଏଙ୍ଗଡ କୁ ଗଡ୍ ନକହି ଗଦ୍ କହନ୍ତି । ଏ ଦୃଷ୍ଟିରୁ ପ୍ରଚଳିତ Odisha ଏବଂ Odia କେତେଦୂର ପ୍ରଯୁଜ୍ୟ ବିଚାର କରିବା କଥା । ତେବେ ଯାହା ହେଲେ ମଧ୍ୟ ଆମେ ଆମ ରାଜ୍ୟର ଜନ୍ମଜାତକକୁ ଦ୍ୱୈତ ଦିବସ ରୂପେ ଗ୍ରହଣ କରିଛୁ : ଏପ୍ରିଲ ୧, ଅପ୍ରେଲ ଦିବସ ଏବଂ ନଭେମ୍ବର ୨୧ ଓଡ଼ିଶା ଦିବସ । ଏ ଦୁଇଟି ଦିବସ ଆମ ପାଇଁ ଗର୍ବ ଏବଂ ସମ୍ମାନର ଦିବସ ।

**ବିପିନବିହାରୀ ମହାନ୍ତି,** ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଏପ୍ରିଲ ୦୬

## ଏକାଗ୍ରତା



ଜୀବନରେ ସଫଳତା ପ୍ରାପ୍ତି ପାଇଁ ଏକାଗ୍ରତା ସାଧନା ପଥରେ ଅପରିହାର୍ଯ୍ୟ । ମନକୁ ନ ମାରିବା ଯାଏଁ ଏକାଗ୍ରତା ମିଳିପାରି ନଥାଏ । ମନକୁ ମାରିବା ଅର୍ଥ ଦେହ ଅଭିମାନକୁ ଭସ୍ମ କରିଦେବା । ଇନ୍ଦ୍ରିୟମାନଙ୍କ ସମେତ ସମଗ୍ର ଶରୀର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଜାରି କରିପାରିବା, ସେତେବେଳେ ହିଁ ଜଣେ ନିଜ ମନ ଉପରେ ବିଜୟ ହାସଲ କରିପାରେ ବା ମନକୁ ଜିତିପାରେ ଯେତେବେଳେ ମନର କୌଣସି ଗୋଟିଏ ହେଲେ ଇଚ୍ଛାକୁ ସେ ପୂରଣ କରି ନଥାଏ । ମନ ଆମର କ୍ରୀତଦାସ ଭଳି । ଆମର ନିର୍ଦ୍ଦେଶ ବା ଆଦେଶକୁ ଇନ୍ଦ୍ରିୟମାନଙ୍କ ସହାୟତାରେ ପାଳନ କରିବା ହିଁ ତାର କାମ । ମାତ୍ର ଅଧିକାଂଶ ସମୟରେ ଜୀବମାନେ ପଞ୍ଚ ବିକାରର ବଶବର୍ତ୍ତୀ ହୋଇ ମନକୁ କ୍ରୀତଦାସ ଆସନରୁ (ଚରଣ ପାଖରୁ) ଉଠେଇ ଆଣି ଶୀର୍ଷାସନରେ ବସାଇ ଦେଇଥାନ୍ତି । ଯଦ୍ଦ୍ୱାରା ପରବର୍ତ୍ତୀ ସମୟରେ ଲଗାମ ଲଗାଇବାକୁ ଚେଷ୍ଟା କଲାବେଳେ ସିଏ ଆଉ ସହଜରେ ବୋଲ ମାନି ନଥାଏ । ସେଥିପାଇଁ କୁହାଯାଇଛି–

*''ରାଜ୍ୟ ଜିଣିଲେ ରାଜା ଲଭଇ ଖ୍ୟାତି ।*
*ବୀର ସମର ଜିଣି ରଖେ କୀରତି ।*
*ନିଜ ହୃଦୟ ଯେହୁ ପାରଇ ଜିଣି ।*
*ସଂସାରେ ସେହି ବୀର ମଉଡ଼ମଣି ।''*

ସ୍ୱଭାବରେ ଅତି ଚଞ୍ଚଳରୂପୀ ଏହି ମନ ରୂପକ ଏକାଦଶ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିବା ପାଇଁ ଏକାଗ୍ରତା ଆବଶ୍ୟକ । ଏହି ଏକାଗ୍ରତା ସମ୍ବନ୍ଧରେ ପଢ଼ିଥିବା ଗଳ୍ପଟିଏ ଏଠାରେ ଉପସ୍ଥାପନ କରୁଛି । ରାମୁ ନାମରେ ବାଳକଟିଏ । ବୟସ ଦଶ/ବାର ବର୍ଷ ହେବ । ପିଲାଟି ଦିନରୁ ପାଠଶାଠ ପଢ଼ିଲାନି । ସକାଳୁ ସକାଳୁ ପଖାଳ ଗଣ୍ଡାଏ ଠୁଙ୍କି ଦେଇ, ଗାଁ ଗୋଟିକର ଗାଈମାନଙ୍କୁ ନେଇ ତୋଟାମାଳରେ ବୁଲେ, ଗାଈ ଜଗେ, ସନ୍ଧ୍ୟା ବେଳକୁ ଘରକୁ ଫେରେ । ଦିନକର କଥା । ସୂର୍ଯ୍ୟ ଅସ୍ତମିତ ହେବାର ସମୟ । ଦଳକୁ ଦଳ ପକ୍ଷୀ କିଚିରିମିଚିରି ଶବ୍ଦ କରି ବସାକୁ ବାହୁଡ଼ିବାର ବେଳ । ରାମୁ ଆମ୍ବତୋଟାର ଗୋଟିଏ ଆମ୍ବଡାଳରେ ଗୋଡ଼କୁ ଲମ୍ବେଇ ଦେଇ ବସିଛି । ସୁଲୁସୁଲିଆ ପବନ ବୋହୁଛି । ପ୍ରକୃତିର ଏପରି ମନୋରମ ଦୃଶ୍ୟରେ ତାର ମନ ପ୍ରାଣ ସତେ ଯେପରି ଆନନ୍ଦରେ ପୂରିଯାଉଛି । ଅତି ଖୁସିରେ ଉଲ୍ଲସିତ ହୋଇ ସେ ଗୀତ ବୋଲୁଛି, "କଳା କଳେବର କହ୍ନେଇ....ସଙ୍ଗେ ରୋହିଣୀ ସୁତ । କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।" ହଠାତ୍ ରାମୁ ଦେଖିବାକୁ ପାଇଲା, ଆମ୍ବ ତୋଟାର ଅନତି ଦୂରରେ ବହି ଯାଉଥିବା ଏକ କ୍ଷୁଦ୍ର ନଦୀରେ ସାଧୁ ଜଣେ ସ୍ନାନ ସମାପନ କରି ଅସ୍ତ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଅଳ୍ପ ପାଣିରେ ଗୋଟିଏ ଗୋଡ଼ରେ ଠିଆ ହୋଇଛନ୍ତି । ବାମ ଗୋଡ଼ଟି ଡାହାଣ ଗୋଡ଼ରେ ଆଣ୍ଠୁ ଉପରକୁ ରଖିଛନ୍ତି । ବାମ ହସ୍ତର ଦୁଇ ଆଙ୍ଗୁଠି ମାଧ୍ୟମରେ ନାକର ଦୁଇ ପୁଡ଼ାକୁ ଚିପି ଧରିଛନ୍ତି । ଚକ୍ଷୁ ଯୁଗଳ ମୁଦ୍ରିତ ଅଛି । ରାମୁ ଦେଖିଲା ସାଧୁ ଏପରି ପ୍ରାୟ ଦୁଇ/ତିନି ମିନିଟ୍ କରିସାରି ଆଖି ଖୋଲିଲେ ଏବଂ ନଈ ଭିତରୁ କୂଳକୁ ଉଠି ଆସିଲେ । ପିଲାଟି ତାଙ୍କ ନିକଟକୁ ଯାଇ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଗୋସେଇଁ ମହାପୁରୁ ଆପଣ ଏମିତି କଷ୍ଟ କରି ଆଖି ବୁଜି ନାକପୁଡ଼ା ବନ୍ଦ କରି, ନିଃଶ୍ୱାସ ନ ନେଇ, ଗୋଟିଏ ଗୋଡ଼ରେ ଠିଆହୋଇ କ'ଣ କରୁଥିଲେ ଓ ଏପରି କଲେ କ'ଣ ମିଳିଥାଏ ?" ସାଧୁ ଜଣକ ଛୋଟ ପିଲାଟିର ମନରେ ଉଙ୍କି ମାରିଥିବା ଏହି ଜଟିଳ ପ୍ରଶ୍ନର ଉତ୍ତର କ'ଣ ଦେବେ ଚିନ୍ତା କରିପାରିଲେନି । ପିଲାଟିକୁ ଏଡ଼େଇ ଯିବାକୁ ମିଛଟିଏ କହିଦେଲେ । କହିଲେ ମୁଁ ସନ୍ଧ୍ୟା କରୁଥିଲି । ଏପରି କଲେ ଭଗବାନ ଦର୍ଶନ ଦିଅନ୍ତି ।

ପିଲାଟି ସାଧୁଗୋସେଇଁଙ୍କ ମୁହଁରୁ ଏହି ଉତ୍ତରଟି ପାଇ ଏକାନିଃଶ୍ୱାସକେ ଧାଇଁ ଧାଇଁ କିଛି ବାଟ ଚାଲିଗଲା । ନଈରେ ବୁଡ଼ଟାଏ ପକେଇ ସାଧୁଗୋସେଇଁ ଯେପରି ଠିଆ ହୋଇଥିଲେ, ସେହିପରି ଠିଆହୋଇ ରହିଲା । ଆଖି ବୁଜିଦେଲା । ବାମ ଗୋଡ଼ଟି ଡାହାଣ ଗୋଡ଼ର ଆଣ୍ଠୁ ଉପରେ ରଖିଲା ଏବଂ ବାମ ହସ୍ତର ଦୁଇ ଆଙ୍ଗୁଠିରେ ନାକର ଦୁଇ ପୁଡ଼ାକୁ ଚିପି ଧରିଲା, ଯେପରି ନିଃଶ୍ୱାସ/ପ୍ରଶ୍ୱାସ ଆଉ ନେଇହେବ ନାହିଁ । ଏକାଗ୍ର ଚିତ୍ତରେ ଭଗବାନଙ୍କୁ ଡାକି ଚାଲିଲା, ଦର୍ଶନ ଦିଅ ପ୍ରଭୁ, ମୋତେ ବି ଦର୍ଶନ ଦିଅ, ଯେପରି ସେହି ସାଧୁ ଗୋସେଇଁଙ୍କୁ ଦେଉଛ । ଭଗବାନଙ୍କ ଆସନ ସେପଟେ ଟଳମଳ ହେଲା । ଛୋଟିଆ ବାଳକଟିଏ । ତା'ର ଅକପଟ ସରଳ ତରଳ ହୃଦୟରେ ଭଗବାନଙ୍କୁ ଡାକି ଚାଲିଛି । ଆଉ ବିଳମ୍ବ କଲେ ପିଲାଟି ହୁଏତ ନିଃଶ୍ୱାସ ନ ନେଇପାରି ମୃତ୍ୟୁବରଣ କରିପାରେ । ତେବେ ବିଧାତାଙ୍କ କପାଳରେ କଳଙ୍କ ବୋଲି ହୋଇଯିବ । ପ୍ରଭୁ ଆଉ ଧୈର୍ଯ୍ୟ ଧରି ନ ପାରି ବାଳଗୋପାଳ ରୂପରେ ନଈ କୂଳରେ ଉଭା ହୋଇପଡ଼ି କହିଲେ, "ଆରେ ହେ ରାମୁ, ଆଖି ଖୋଲ, ଦେଖ, ମୁଁ ପରା ଆସି ତୋ ପାଖରେ ଠିଆ ହେଲିଣି । ଆ ! ଉଠିଆ ଏଥର । ପ୍ରଭୁଙ୍କ ବାଣୀରେ ପିଲାଟିର ଧ୍ୟାନଭଗ୍ନ ହେଲା । ଦେଖିଲା କୂଳରେ ବାଳକଟିଏ ଠିଆ ହୋଇଛି, ତାରି ସମାନ ବୟସର । ଘନନୀଳ ଶ୍ୟାମଳ ଅଙ୍ଗ, କର୍ଣ୍ଣରେ କୁଣ୍ଡଳ, ମଥାରେ ମୁକୁଟ, ପାଟ ପୀତାମ୍ବରୀ, ହାତରେ ମୁରଲୀ, ପାଦରେ ନୂପୁର, ଅଣ୍ଟାରେ ରତ୍ନମେଖଳା, ଗଳାରେ ରତ୍ନହାର, ମଥାରେ ଗୋରଚନା, ହୃଦୟରେ ଶ୍ରୀବତ୍ସ ପାଦଚିହ୍ନ, କୁଞ୍ଚୁକୁଞ୍ଚିଆ ଘନ କେଶରାଶିରେ ମୟୂର ଚନ୍ଦ୍ରିକା, ହାତରେ କଙ୍କଣ, ବାହୁରେ ବାହୁଟି, କମନୀୟ ମନଲୋଭା ରୂପକାନ୍ତି, ପିଲାଟି ଦଣ୍ଡେ ଚାହିଁ ରହିଲା । ତା' ମନରେ ସନ୍ଦେହ ଆସିଲା, ଯେ କ'ଣ ସାଧୁ ଗୋସେଇଁଙ୍କୁ ଦର୍ଶନ ଦେଉଥିବା ସେହି ଭଗବାନ ! ନା ମୋ' ସହ କେହି ଆସି ଛଳନା କରୁଛି ! ପିଲାଟି ହଠାତ୍ ନଈ ଉପରକୁ ଉଠିଆସି ଗୋଟିଏ ଦଉଡ଼ିରେ ସେହି ବାଳଗୋପାଳଙ୍କୁ ଆମ୍ବଗଛରେ ବାନ୍ଧି ପକେଇଲା । କହିଲା, ଆପଣ ଭଗବାନ କି ନୁହେଁ ମୁଁ ଜାଣିନି । ମୁଁ ସେହି ସାଧୁଗୋସେଇଁଙ୍କୁ ଡାକି ଆଣୁଛି । ସିଏ ଦେଖିଲେ କହିପାରିବେ, ତୁମେ ସତ ଭଗବାନ କି ନୁହେଁ ? ମୁଁ ଏଇ ଗଲି, ଏଇ ଆସିଲି । କହି ଦୌଡ଼ିଗଲା ଏକା ନିଃଶ୍ୱାସକେ ।

ସାଧୁଗୋସେଇଁଙ୍କୁ ହାତଧରି ନେଇ ଆସିଲା ଗଛ ମୂଳକୁ, ଯେଉଁଠାରେ ବାଳଗୋପାଳରୂପୀ ଭଗବାନ ସେହି ପିଲାଟିର ସରଳ ତରଳ ଭକ୍ତି ଆଗରେ ବନ୍ଧା ପଡ଼ିଯାଇଥିଲେ । ବାନ୍ଧି ହୋଇଯାଇଥିଲେ । ସାଧୁ ଗୋସେଇଁ ନିଜ ଆଖିକୁ ବିଶ୍ୱାସ କରିପାରିଲେନି । ଲମ୍ବ ହୋଇ ପାଦତଳେ ପଡ଼ିଗଲେ । ଆଖିରୁ ବହୁଥିଲା ଧାର ଧାର ଲୁହ । ହଠାତ୍ ବାଳଗୋପାଳରୂପୀ ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ । ସାଧୁଗୋସେଇଁ ଏବେ ରାମୁକୁ ଜାକି କୁଣ୍ଢେଇ ପକେଇଲେ । କୋହ ଛଳଛଳ ହୋଇ କହିଲେ, ଆରେ ବାଳକ, ତୁ ଆଜିଠୁ ମୋର ଗୁରୁ । ଦୀର୍ଘଦିନ ତପସ୍ୟା, ତ୍ୟାଗ, ସାଧନା ବଳରେ ଯାହା ପାଇ ନ ଥିଲି, ତାହା ଆଜି ତୋରି ସରଳ ତରଳ ଅନାବିଳ ଭକ୍ତି ଯୋଗୁଁ ପାଇଗଲି । ପ୍ରକୃତରେ ମୁଁ ତୋତେ ମିଛ କହିଥିଲି । ମୁଁ ଭଗବାନଙ୍କୁ ଆଗରୁ କେବେ ଦେଖି ନଥିଲି । ତୋର ପ୍ରଶ୍ନକୁ ଏଡ଼େଇଯିବାକୁ ତୋତେ ଏମିତି କହିଦେଇଥିଲି । ହେଲେ ତୋର ଏକାଗ୍ରତା ପାଖରେ ପ୍ରଭୁ ଆସି ଆଜି ସତକୁ ସତ ବନ୍ଧା ପଡ଼ିଗଲେ । ତୁ ଏକ ମହାନ୍ ଭକ୍ତ, ମହାନ୍ ସନ୍ଥ, ମହାନ୍ ଗୁରୁ । କାରଣ ପରମାତ୍ମା ପ୍ରାପ୍ତି ଲାଗି ଯେଉଁ ଜିନିଷର ଆବଶ୍ୟକତା ଅଛି, ତାହା ତୋ ପାଖରେ ଅଛି । ତାହା ହେଲା ନିଷ୍କପଟ ହୃଦୟ, ସଂଶୟହୀନ ବିଶ୍ୱାସ, ସମ୍ପୂର୍ଣ୍ଣ ସମର୍ପଣ, ଅନାବିଳ ଭକ୍ତି, ସର୍ବୋପରି ଏକାଗ୍ରତା । ରାମୁ ବଡ଼ବଡ଼ ଆଖିରେ ସାଧୁ ଗୋସେଇଁଙ୍କୁ କେବଳ ଅନେଇ ରହିଥିଲା । ଅସ୍ତଗାମୀ ସୂର୍ଯ୍ୟଙ୍କ ସୁନେଲୀ କିରଣରେ ନଦୀଜଳ ଚିକ୍‌ମିକ୍ କରୁଥିଲା । ଗଛପତ୍ର ସନ୍ଧିରୁ ଘନେଇ ଆସୁଥିଲା ମେଞ୍ଚା ମେଞ୍ଚା ଅନ୍ଧାର ।

**ଡ. ପ୍ରତିଭା ମହାରଥୀ**, ଖାରବେଳନଗର, ୟୁନିଟ୍–୩, ଭୁବନେଶ୍ୱର, ମୋ–୯୪୩୭୦୩୬୮୦୯

## ଆଜିର ଅନୁଚିନ୍ତା

*କାଳ ଯାହାକୁ କବଳିତ କରିପାରେ ନାହିଁ, ସେ ହିଁ ମହାକାଳ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସ୍ୱଚ୍ଛଳ ଶାସନତନ୍ତ୍ର : ଅଚଳ ଅର୍ଥନୀତି

ମାୟାଧର ନାୟକ



ଏବେ ସବୁଆଡେ ଶସ୍ତା ସ୍ଲୋଗାନ୍ । ବସ୍ତାବସ୍ତା ଭାଷଣବାଜିର ରିହାତି-ରାଜନୀତି । ଏ ଦଳ କହୁଚି ସେ ଦଳ ଚୋର, ସେ ଦଳ କହୁଚି ଏ ଦଳ ତସ୍କର । ଲୋକେ କହୁଛନ୍ତି ସବୁ ଦଳ-ପଙ୍ଗପାଳ । ଶାସନତନ୍ତ୍ରର ଶସ୍ୟକ୍ଷେତ୍ରରେ ପ୍ରବେଶ କରିବା ପାଇଁ ସମସ୍ତେ ପାଗଳ । ଆଗେ ଆମର ରାଷ୍ଟ୍ରନୀତିଜ୍ଞ ଥିଲେ–ଯେଉଁମାନଙ୍କ ସଂଖ୍ୟାହ୍ରାସ ଘଟିଛି ଶୋଚନୀୟ ଭାବରେ । ଏବେ ଅବଶ୍ୟ ରାଜନୀତିଜ୍ଞ ଅଛନ୍ତି କେତେକ – ମାତ୍ର ଚଳନ୍ତି ରାଜନୀତିର ଚକ୍ରବ୍ୟୂହରେ ସେମାନେ ନିଷ୍ପ୍ରଭ ଚରିତ୍ର ଜଣେଜଣେ । ବର୍ତ୍ତମାନର ରାଜନୀତି ଏକପ୍ରକାର ପ୍ରଜାଶୋଷଣଧର୍ମୀ ପ୍ରବୃତି ନହେଲେ ରାଜକୋଷଲୁଣ୍ଠନମୁଖୀ ବାଜନୀତି । ରାଜନୀତିକୁ ବାଜନୀତିରେ ବଦଳାଇ ଦେଇଥିବା ଅପଶକ୍ତିର ଆଜ୍ଞାବହ ବର୍ଗ ଗୋଟିଏ ଗୋଟିଏ ଦଳ ଗଢି ସାରା ଦେଶକୁ ଦଖଲ କରିବାକୁ ବ୍ୟଗ୍ର । ଏମାନେ କେବଳ ମିଥ୍ୟାଚାରୀ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, ଅବିଚାରୀ ବା ମୁଖାଧାରୀ ନୁହନ୍ତି, ଦରକାର ପଡିଲେ ଏମାନେ ବି ଭାରତୀୟ ଗଣତନ୍ତ୍ରର ହତ୍ୟାକାରୀ ହେବାକୁ ହାତ ମିଳାନ୍ତି ପରସ୍ପର ସହିତ । ଗୋଟିଏ ଚୂଡାନ୍ତ ବିଡମ୍ବନାର ପର୍ଯ୍ୟାୟରେ ପହଂଚିସାରିଛି ଭାରତବର୍ଷର ରାଜନୀତି । ତାହା ହେଉଛି, କେବଳ ବଣିକବର୍ଗ ଓ ଧନିକବର୍ଗର ସମବାୟ ସମିତିକୁ ନେଇ ଗଢାହେଉଛି ଶାସନ ଓ ପ୍ରଶାସନ ବ୍ୟବସ୍ଥା । କେବଳ ଧନୀଲୋକେ ନିର୍ବାଚନୀ ରାଜନୀତିର ମଇଦାନରେ ଦଳୀୟ ଟିକେଟ୍ ପାଇ ଯାତ୍ରା ଦେଖାଉଛନ୍ତି ଜନଗଣଙ୍କୁ । ଜଣେ ଗରିବ ଲୋକ ଯେତେ ଯୋଗ୍ୟତା, ଦକ୍ଷତା ଓ ଆନ୍ତରିକତାର ଅଧିକାରୀ ହେଉ ପଛେ – ଏ ଚନ୍ଦନଚର୍ଚ୍ଚିତ ଚିହ୍ନାବ୍ରାହ୍ମଣମାନଙ୍କ ଚିତାଚଇତାନୀ ରାଜନୀତି ତାକୁ ନେତୃତ୍ୱ ସ୍ତରକୁ ଉନ୍ନୀତ କରାଇବାର ସୁଯୋଗ ଦିଏନା । ଗରିବ ଲୋକଟିଏ ଖୁବ୍ ବେଶିରେ ମୁଖିଆ କର୍ମୀ ପର୍ଯ୍ୟନ୍ତ ଯାଇପାରେ, ମାତ୍ର ଟିକେଟ୍ କିଣି ନିର୍ବାଚନ ଜିଣି ନେତା ହେବା କି ମନ୍ତ୍ରୀ ହେବା ତା'ପକ୍ଷରେ ସହଜ ବ୍ୟାପାର ନୁହେଁ ।

ଗଣତନ୍ତ୍ରରୁ ଗରିବ କ୍ରମେ ବିଦାୟ ନେଉଛି । ଗରିବ ନାଆଁରେ ଗୁରୁଗମ୍ଭୀର ଧ୍ୱନି ଦେଇ ଧନ୍ୟ ଏବେ ନିଜକୁ ବୋଲାଉଛି ନେତା– ଏ ଜନତାର ହର୍ତାକର୍ତା–ଦୈବ ବିଧାତା । ବ୍ୟୟବହୁଳ ନିର୍ବାଚନ କେବଳ ନକଲି ନେତୃତ୍ୱର ରାଜନୈତିକ ବିସ୍ତାରବାଦ ନିମନ୍ତେ ବାଟ ଫିଟାଉଛି । ଏହାଦ୍ୱାରା ଜାତୀୟ ସମ୍ପତି ଉପରେ ଶ୍ୟେନଦୃଷ୍ଟି ପକାଉଥିବା ଧନୀ ଧୂର୍ତମାନେ ଜାତୀୟ ବିପତିକୁ ନେଇ ମିନିଟିଏ ବି ମୁଣ୍ଡବ୍ୟଥାରେ ଘାରି ହେଉଥିବା ଉପଲବ୍ଧି କରିପାରୁନାହାନ୍ତି କେହି । 'ଦାରିଦ୍ର୍ୟ' ଏଭଳି ଏକ ସୂତ୍ର, ଯାହାକୁ ନେଇ ଏଠି ଏବେ ରାଜନୈତିକ ଦାରିବୃତି ନିଜ ନିଷିଦ୍ଧ ବଜାର ବିଛାଇବାର ବେଶ୍ ସଫଳ ହୋଇପାରିଛି । କିନ୍ତୁ ଏ 'ସଫଳତା' ଆମ ଜାତୀୟ ବ୍ୟର୍ଥତାକୁ ସାରା ଦୁନିଆ ଦରବାରରେ ସାବ୍ୟସ୍ତ କରିସାରିଛି ଶତସହସ୍ରଗୁଣ ।

ଜନତା ଦିନକୁଦିନ ଦରିଦ୍ର ହେଉଥିବାବେଳେ ନେତା ହେଉଛି ଧନୀ ଓ ମାନୀ । ଧନବଳରେ ଏଠି ଆୟତ କରାଯାଇପାରୁଛି ଜନବଳକୁ । ମନୋବଳ ଭାଙ୍ଗିପଡୁଛି ଯୁବପିଢିର । ବାଟବଣା ହେଉଛି ବେକାର ଯୁବକ, ବେରୋଜଗାର ଗରିବ, ନିଃସ୍ୱ କୃଷକ, ନିର୍ଦ୍ଧନ ଶ୍ରମିକ – ସାଧାରଣ ସର୍ବହରା ମଣିଷ । ରାଜନୀତି ଏଠି ଚାଲିଚି ବହୁଦଳୀୟ ଏକ ସୁପରିକଳ୍ପିତ ଯୋଜନାରେ । ସେ ଯୋଜନାର ସୂତ୍ରଧର ହେଉଛନ୍ତି ବିଦେଶୀ ପୁଞ୍ଜି ଉପରେ ପ୍ରତିଷ୍ଠିତ ଦେଶୀ ଶିଳ୍ପପତି ଗୋଷ୍ଠୀ ଏବଂ ସେମାନଙ୍କ ଭତାରେ ପରିପାଳିତ ଓ ପରିଚାଳିତ ଏ ଦେଶର ସୁବିଧାବାଦୀ ନ୍ୟସ୍ତସ୍ୱାର୍ଥ ସ୍ୱଚ୍ଛଳ ରାଜନୈତିକ ନେତୃପକ୍ଷ । ଦେଶ ଓ ଜାତିକୁ ନେଇ ଛଦ୍ମଚରିତ୍ରବର୍ଗ ଟେକି ଦେଉଛନ୍ତି ଭୟଙ୍କର ଭବିଷ୍ୟତ ହାତରେ । ଏଠି ଚଷା ମୂଲିଆ ମାହାଳିଆ ମରୁଚି, ଯୁବକ ଅକାଳ ବାର୍ଦ୍ଧକ୍ୟ କରୁଚି, ଶିଶୁମୃତ୍ୟୁର ହାର ଆହୁରି ବଢୁଚି । ବଂଚୁଛନ୍ତି ସେଇମାନେ - ଯେଉଁମାନେ ଜନଜୀବନକୁ ତଳିତଳାନ୍ତ କରି ସୁଇସ୍‌ବ୍ୟାଙ୍କ୍‌ରେ ନିଜ ସତାଇଶ ପୁରୁଷ ପାଇଁ ସଂପାଦି ରଖିଛନ୍ତି କଳାଟଙ୍କାର ଗୁପ୍ତ ଆକାଉଂଟ୍ ! କୁଆଡେ ଏତେ କଳାଟଙ୍କା ସୁଇସ୍ ବ୍ୟାଙ୍କ୍‌ରେ ଅଛି ଯେ ସେଠୁ ମାତ୍ର ୨୩ ଲକ୍ଷ କୋଟି ଟଙ୍କା ଆସିପାରିଲେ ଭାରତର ପ୍ରତି ଗାଆଁ ପିଛା ପଡିବ ୪ କୋଟି ଟଙ୍କା ଭାଗ ଏବଂ ଏଇ ଭାଗରେ ଗଢିଉଠିବ ଗରିବର ଗଣତନ୍ତ୍ର ! କି ଧୂଆଁବାଣ ! କେବଳ ମିଛମଣିଷମାନଙ୍କ ମଲାଘୋଡାର ଟାଙ୍କ ମାପିବା ବାଗବାଇଶ ଇଏ ! ଗରିବାର ଗଣତନ୍ତ୍ରକୁ ଧୂର୍ତର ଧନତନ୍ତ୍ର କାହିଁକି ବା ବଂଚାଇରଖିବାର ଆନ୍ତରିକ ଉଦ୍ୟମ ବଜାୟ ରଖିବ ?

'ନେତା' ଶବ୍ଦର ଅର୍ଥ ଆଜି ପ୍ରଦୂଷିତ । ଖଚୁଆ, ମିଛୁଆ, ଲାଂଚୁଆ ଚରିତ୍ରର ନାମାନ୍ତର ପାଲଟିଛି ଏଇ 'ନେତା' ଶବ୍ଦ । ଏକ ନକାରାତ୍ମକ ଦୃଷ୍ଟିଭଂଗୀ ବ୍ୟାପିସାରିଛି ଭାରତୀୟ ରାଜନୀତିର 'ନେତା' ପଦକୁ ନେଇ । ନେତିବାଚକ ନେତୃତ୍ୱ ଓ ନୀତିରହିତ ରାଜନୀତିରେ ଭାରତବର୍ଷ ନୟାନ୍ତ । ପ୍ରଶାସନ ଆଉ ଜନଗଣଙ୍କ ପ୍ରତ୍ୟୟର ପରୀକ୍ଷା ଦେବାକୁ ଯୋଗ୍ୟ ନୁହେଁ । ସ୍ୱାର୍ଥସେବୀ ଶାସନର ସଇତାନୀ ଚକ୍ର ସିଏ । ହାକିମ ଆଗରେ ହାରିଗୁହାରି କରିକରି ହାରିସାରିଚି ହତାଶ–ପୁଲିସ୍ ପାଖରେ ଫେରାଦି ହେଇ ହେଇ ଫେରାର୍ ହେଇଯାଇଚି ଫକିରା । ଗରିବ ଗଢିବ ଗଣତନ୍ତ୍ର– ଯଦି ହଟିପାରିବ ନକଲି ନେତୃତ୍ୱର ଶାସନତନ୍ତ୍ର, ଧୂର୍ତ ଧଳାହାତୀମାନଙ୍କର ଧନତନ୍ତ୍ର, ଅମାନବିକତାରେ ଅଭ୍ୟସ୍ତ ଅବଶ ଅମଲାତନ୍ତ୍ର ! ନହେଲେ ନିସ୍ତାର ନାହିଁ । ନିସ୍ତାର ଦରକାର ଏ ସରକାର ଛତ୍ରଛାୟାଶ୍ରିତ ଅମଲାତାନ୍ତ୍ରିକ ଆଭିମୁଖ୍ୟରୁ । ଅମଲାତନ୍ତ୍ରର ଅଳିଆଗଦାରେ ଆମର ଲକ୍ଷ ଲକ୍ଷ ହେକ୍ଟର ଚାଷଜମିର ଭାଗ୍ୟ ଫିତାବନ୍ଧା ଫାଇଲ୍ ପାଲଟି ସାରିଛି । ପ୍ରଶାସନ କ'ଣ ? କେବଳ ଖଂଟକୁର୍ସିର ଚାରିଖୁରା – ଯେଉଁ ଚାରିଖୁରାରେ ବନ୍ଧା ହୋଇରହିଛି ବଂଧୁକ, ସିଂଦୁକ, ଯୋଜନା, ପରିଚାଳନା । ଜନଗଣଙ୍କ ଜୀବନସଂଗ୍ରାମର ସ୍ୱାଧୀନତା ପାଇଁ ଏ ଚାରୋଟିର ମୁକ୍ତି ଆଗେ ଦରକାର । ଅର୍ଥାତ୍ ବଂଧୁକର ଗୁଳି କୌଣସି ଗରିବ, ଦିନମଜୁରିଆ, ଆଦିବାସୀ କି ଅଧିବାସୀର ଛାତି ଆଡକୁ ଉଦ୍ଦିଷ୍ଟ ନହେଉ– ସିଂଦୁକର ସଂପତି କୌଣସି ଶାସିତ, ଶୋଷିତ, ବଂଚିତ କି ପ୍ରବଂଚିତର ସ୍ୱେଦଶୋଣିତରେ ଉପାର୍ଜିତ ଅର୍ଥଆଡକୁ ତୋଷରପାତୀ ତୀକ୍ଷ୍ଣଦୃଷ୍ଟି ନ ପକାଉ–ଯୋଜନାର ଯନ୍ତ୍ରଶାଳା କୌଣସି ଜାତି ବା ଜନଜାତିର ଉନ୍ନୟନ ନିମନ୍ତେ ଅଭିପ୍ରେତ ଅଟକଳକୁ ଅଟ୍ଟହାସ ନ କରୁ – ଏବଂ ପରିଚାଳନାର ପରୀକ୍ଷାନିରୀକ୍ଷା କୌଣସି ସନ୍ଧି ବା ଅଭିସନ୍ଧିର ଶିକାର ନହେଉ । ଦୁଃଖର କଥା ଯେ ବର୍ତମାନ ସ୍ୱଚ୍ଛଳ ଶାସନତନ୍ତ୍ରର ଅଚଳ ଅର୍ଥନୀତି ସାରା ଦେଶକୁ ପଙ୍ଗୁତ୍ୱ ଆଡକୁ ମୁହାଁଇ ନେଉଛି । ଆଜିର ଚଂଚକ ରାଜନୀତି ଆଗରେ ଚାଣକ୍ୟ ଅର୍ଥନୀତି ଆଣ୍ଠେଇପଡିଛି । ହାୟ ! ଅର୍ଥନୀତିଜ୍ଞ ବି କହୁଛନ୍ତି ରାଜନୀତିଆଙ୍କ ବ୍ୟୟବରାଦର ଆୟ-ଆଦାୟ ବାବଦରେ ମୁଣ୍ଡ ନଖେଳାଇବା ପାଇଁ ! ଯା'ଠାରୁ ବଳି ବିଡମ୍ବନା ଆଉ କ'ଣ ଥାଇପାରେ ? ଆଜିର ଭାରତବର୍ଷ ଯେତେବେଳେ ଚଳନ୍ତି ରାଜନୀତିର ଚଳୁକରା ଚରିତ୍ର ଉପରୁ ଆସ୍ଥା ହରାଇବାକୁ ଯାଉଛି, ସେତେବେଳେ ଆମେ ସମସ୍ତେ ଲୋଡୁଚୁ ଅସଲ ଅର୍ଥନୀତିର ହିତୋପଦେଶ । ମାତ୍ର ଆଜି ଅର୍ଥନୀତି ବି ରାଜନୀତିର ରିସ୍ତେଦାର ? ଅର୍ଥନୈତିକ ମାନ୍ଦାବସ୍ଥାର ଆତଙ୍କଜନକ ଆବହାୱାରେ ସାରା ଦୁନିଆକୁ ତ୍ରସ୍ତ କରିରଖିବାକୁ ଚାହୁଁଥିବା ଧୂର୍ତ ଧନତନ୍ତ୍ର ଏବେ ଭାରତବର୍ଷକୁ ନିଜ କଂସେଇଖାନାରେ ପରିଣତ କରି ଧ୍ୱସ୍ତ କରିଦେବ ଉତରପିଢିର ନବଭାରତକୁ ।

ନବଭାରତର ରାଜନୀତି ଏ ଭବସଂକଟକୁ ସାମ୍ନା କରିବ ନା ନାହିଁ ? ବର୍ତମାନର ଭକ୍ଷକ ରାଜନୀତିର ଭସ୍ମାସୁରମାନଙ୍କ କବଳରୁ ଦେଶ ଓ ଜାତିକୁ ବଂଚାଇବାକୁ ହେଲେ ପ୍ରଥମେ ଦରକାର ରାଜନୀତିରୁ ଦଳମାନଙ୍କୁ ଉଚ୍ଛେଦ କରିବାର ଅଭିଯାନ । ଦଳ ପାଇଁ ନୁହେଁ, ଦେଶ ପାଇଁ ଯେଉଁ ରାଜନୀତି–ତାହା ହିଁ ଆମର ଦାବୀ ।

*–ଯାଜପୁର ରୋଡ, ଯାଜପୁର, ମୋ: ୯୮୬୧୦୩୪୧୬୩*

# ଦଲାଲ୍

### ଆଚରଣ ଓ ଉଚ୍ଚାରଣ

•••ଦାସେ•••

ଜଣେ ସଂପର୍କୀୟଙ୍କ ଘରକୁ ଏ ଦାସ ମାସକରେ ଥରେଅଧେ ଯାଏ । ସେହି ଥରେଅଧେରେ ଏହି ଦାସ ଲକ୍ଷ୍ୟ କରିଛି ସେ ଘରର ମାତୃସ୍ଥାନୀୟା ମାଉସୀ ଜଣକ କାହାକୁ ସଂପିବାରେ ଲାଗିଥା'ନ୍ତି ଯେକୌଣସି କାମ କରୁଥିବା ଅବସ୍ଥାରେ (ଦୂରଦର୍ଶନ ଦେଖୁଥିବା ଅବସ୍ଥାରେ ହେଉ ବା ଚାହା ପିଆ କାର୍ଯ୍ୟକ୍ରମ ଭିତରେ ସେ ଅଭିଶାପ ପର୍ବ ଚାଲୁ ରହିଥାଏ !) । ସେ ଏପରି ବି କହୁଥା'ନ୍ତି, ''ମୋତେ ଏଥର ଭଗବାନ୍ ବି ଆସି ପଇସା ମାଗିଲେ ମୁଁ ଆଉ ଭଗବାନଙ୍କୁ ବି ବିଶ୍ୱାସ କରିବିନି ।''

ମୌକା ପାଇ କାରଣଟି ଜାଣିବାର ଇଚ୍ଛା ପ୍ରକାଶ କରିବାରୁ ଏହା ଜାଣିବାକୁ ପାଇଲି ଯେ, ତାଙ୍କ ଗ୍ରାମରେ ଜଣେ ବାବୁ ଆସି ଘରଭଡ଼ା ନେଇ ରହୁଥିଲେ । ସେ ବାବୁଙ୍କର ସାଙ୍ଗିଆ ଓ ରଂଗ ପ୍ରାୟ ବ୍ରାହ୍ମଣ ଜାତିର । ଶିକ୍ଷିତ ବି । ସ୍ମୈଣ ବି । ଶାଶୁ, ଶ୍ୱଶୁର, ସ୍ତ୍ରୀ ଓ ଶାଳୀଙ୍କୁ ନେଇ ତାଙ୍କ ଭଡ଼ାଘର ବିନା ବାପା ମା', ଭାଇଭଉଣୀରେ ! ଏ ଦୁନିଆଟା ବି ଏବେ ଏହି ଗତିରେ ଚାଲୁଛି । ନିଜ ବାପା ମା'ଙ୍କୁ ଯେତିକି ଆଦର ନାହିଁ, ତା'ଠାରୁ ଢେର୍ ଆଦର କରାଯାଉଛି ସ୍ତ୍ରୀଙ୍କ ବାପାମା'ଙ୍କୁ । ନିଜ ସୋଦରଙ୍କୁ ଯେତିକି ଆତିଥ୍ୟତା ନାହିଁ, ବେଶି ଆତିଥ୍ୟତା ପ୍ରଦାନ କରାଯାଉଛି ଅଷ୍ଟମୀବନ୍ଧୁ ଓ ବାନ୍ଧବୀଙ୍କ ପାଇଁ !

ଏ ମାତୃଦେବୀଙ୍କ ଝିଅର ପୁଅ ନାତିକି ପାଠ ପଢେଇବା ପାଇଁ ସେ ବାବୁଜଣକ କାଳକ୍ରମେ ଠିକ୍ ହୁଅନ୍ତି ସେ ବାବୁଙ୍କର ବିଦ୍‌ବତ୍ତା ଗୁଣ ଯୋଗୁଁ । ପାଠପଢା ଭିତରେ ସେ ଏ ଘରର ପ୍ରତ୍ୟେକ ଲୋକଙ୍କର ମନ ଓ ମିଜାସକୁ ଠଉରାଇ ତାଙ୍କ କାର୍ଯ୍ୟ ହାସଲ କରିବାରେ ଲାଗନ୍ତି । ସେ ପିଲାଟିକୁ ସବୁବେଳେ ପରୀକ୍ଷା ପାଇଁ କଟକ, ଭୁବନେଶ୍ୱର, କଲିକତା ନେଇ ଖର୍ଚ୍ଚାନ୍ତ କରାଇ ଏପରିକି ପିଲାଟିକୁ ଗୋଟିଏ କମ୍ପ୍ୟୁଟର ବି ଛୋଟ ବୟସରୁ ଜିତାଇ ଦିଅନ୍ତି କୌଣସି ଏକ ପରୀକ୍ଷାରୁ । ପିଲାଟିର ପାଠପଢା ମାନାଙ୍କ ଯାହା ଥାଉ ନା କାହିଁକି ତାଙ୍କ ପରିବାରର ଏ ନାମ ରଖିବ ବୋଲି ଘରର ମାଇପି ମୁରବୀମାନଙ୍କୁ ବୁଝାଇ ଏ ବାବୁ ସେ ପରିବାର ସହ ଘନିଷ୍ଠତା ବଢାଇ ଦିଅନ୍ତି । ସେ ଘରର ଝିଅପିଲାଙ୍କୁ ଚାକିରୀ କରେଇଦେବ ଭ୍ରାମ୍ୟମାଣ ଖମ୍ବରେ କହି ଏ ମାତୃଦେବୀଙ୍କଠାରୁ ୫୦ ହଜାର ଟଙ୍କା ନିଅନ୍ତି ଓ କହନ୍ତି ମାସକୁ ଘରେ ବସି ତିନି ହଜାର ଟଙ୍କା ପାଇବ । ସତକୁ ସତ ଦୁଇମାସ ମଧ୍ୟ ଗୋଟେ ଖାତାରେ ଏ ମାତୃଦେବୀଙ୍କ ଝିଅଙ୍କଠାରୁ ଦସ୍ତଖତ ନେଇ ତିନିହଜାର ଟଙ୍କା ଲେଖାଏଁ ଘରେ ଦେଇଯାଆନ୍ତି । ଏ ମାତୃଦେବୀଙ୍କ ଆଉ ଏକ ଡହରା ପୁଅକୁ ସାଙ୍ଗରେ ଧରି ବୁଲାନ୍ତି ଅନ୍‌ଲାଇନ୍ ସ୍କୁଲ୍‌ରେ କୌଣସି ଏକ ପଦବୀ ଦେଇ । ଏ ପରିବାର ସହିତ ଏ ଡହରାବାବୁଙ୍କ ବନ୍ଧୁତା ଏ ପରିବାରର ସଂପର୍କୀୟମାନଙ୍କ ସଂଗେ ବି ସଂପର୍କ ବଢେଇଦିଏ । କାଳକ୍ରମେ ଏ ଡହରାବାବୁ ଜଣକ ଯା'ଠାରୁ ତା'ଠାରୁ ପଇସା ଆଦାୟ କରି ଝାଡ଼ା, ପରିସ୍ରା ଗଲେ ବି ଭଡ଼ାରେ ଇଣ୍ଡିକା କାର୍ ନେଇ ଯାଆନ୍ତି ।

ଏ ଧନ୍ଦା ଏମିତି ଚାଲିବା ପରେ ବିଭିନ୍ନ ଲୋକ ଆସି ତାଙ୍କ ପଇସା ମାଗିବାରୁ ଏ ବାବୁ ବାହାନା କରି ଖସି ପଳାନ୍ତି । କୌଶଳକ୍ରମେ ସେ ଚରିତ୍ରଟି ପରିବାରର ସମସ୍ତଙ୍କ ପାଖରୁ ବିଶେଷ କରି ଏ ମାତୃଦେବୀଙ୍କ ପାଖରୁ ଦୁଇଲକ୍ଷରୁ ତଦୁର୍ଦ୍ଧ୍ୱ ଟଙ୍କା ଓ ଅନ୍ୟମାନଙ୍କଠାରୁ ସେମିତି ଧାର୍‌ଧୁରା କରି ଟଙ୍କା ୫ ଲକ୍ଷରୁ ଅଧିକ ନେଇ ଫେରାର୍ । ଏପର୍ଯ୍ୟନ୍ତ ସେ ଡହରାବାବୁଙ୍କୁ ଠାବ କରାଯାଇପାରିନାହିଁ । ଘର ମାଲିକଙ୍କଠାରୁ ମଧ୍ୟ କିଛି ପକାଇଛି ଯାହା ସେ ଘରେ ଥିବା ଜିନିଷପତ୍ରଠାରୁ ଅଧିକ ହେବ । ଖବରକାଗଜରେ ଖବର ବାହାରିଛି ମାତ୍ର ସେ ଡହରା ଦଲାଲ୍‌ର ନାମ ନାହିଁ କି ଫଟୋ ବି ନାହିଁ ।

ଏହିଭଳି ଡହରା, ଦଲାଲିଆ ବାବୁମାନଙ୍କର ଏ ଯୁଗରେ ଅଭାବ ନାହିଁ । ବିଭିନ୍ନ ପ୍ରକାରର ଠକ ସଂସ୍ଥା ସହିତ ଜଡ଼ିତ ହୋଇଥିବା ଏ ଦଲାରିଆମାନେ ଏବେ ପ୍ରାୟ ଗ୍ରାମାଞ୍ଚଳ ଓ ସହରରେ ଭରପୁର୍ । ଯେନତେନ ପ୍ରକାରେଣ ଲୋକଙ୍କୁ ଭୁଆଁ ବୁଲାଇ, ଲୋକଙ୍କ ମୁଣ୍ଡରେ ପଇସା ଭୂତ ପୁରାଇ ଏମାନେ ଲୋକଙ୍କୁ ଠକି ଚାଲନ୍ତି । କେତେକେତେ ଟଙ୍କା ଲଗାଣକାରୀ ସଂସ୍ଥା ତ' ଆସି ଗାଁଗହଳିରୁ ମାଲେମାଲ୍ ହୋଇଯାଉଛନ୍ତି, ତା' ସାଙ୍ଗରେ ମଣିଷଗଛ ବି ରୋଇ ଦେଇଯାଉଛନ୍ତି କୁମାରୀ ମାତୃତ୍ୱରେ ! ବହୁଦିନ ତଳେ ଗୋଟେ କେଉଁ ଭେଲ୍ୟୁ ନାମରେ ଗୋଟେ ଦଳ ଚାରିଆଡ଼େ ବୁଲୁଥିଲେ । ଘରେ ବସି ମାସକୁ ୧୫୦୦ ଟଙ୍କା ରୋଜଗାର କରିପାରିବ ବୋଲି କହୁଥିଲେ ଯଦି ଟଙ୍କା ୮୦୦୦ ସେ ସଂସ୍ଥାରେ ଅଗ୍ରୀମ ପଇଠ କରିବା ସହ ତୁମ ପଛକୁ ତିନୋଟି ୮ ହଜାର ଟଙ୍କିଆ ଗରାଖ ଠିକ୍ କରିପାରିଲ । ପରିସ୍ଥିତି ଏପରି ହୋଇଛି କିଛି ଝିଅ ଏମାନଙ୍କ ଜାଲରେ ପଡ଼ି ଏହି ଠକ ଦଲାରିଆଙ୍କ କାମନା ବାସନାର ଶିକାର ହୋଇଛନ୍ତି । କିଛି ଅଜାତିରେ ବାହା ହୋଇ ଛୁଆ ଧରିଆସି ବାପଘରେ ରହୁଛନ୍ତି ତ' କିଛି କୁମାରୀ ମାତୃତ୍ୱ ଲାଭ କରିଛନ୍ତି ତ' କିଛି କିଛି ନାରୀ ଜୀବନର ସର୍ବସ୍ୱ ଅକାତରେ ଦାନ କରିଦେଇଛନ୍ତି ଏହିଭଳି ଦଲାରିଆଙ୍କ ପାଖରେ ।

ଲୋକେ ଆଗୋଉଛନ୍ତି ଆଗୋଉଛନ୍ତି ବୋଲି ଚାରିଆଡ଼େ ହୁରି ପଡୁଛି ମାତ୍ର ତାହା ଠିକ୍ ନୁହେଁ; ବରଂ ଲୋକେ ଟଙ୍କା ପଛରେ ପାଗଳ ପରାୟ ଗୋଡ଼େଇଛନ୍ତି ଏକଥା ଠିକ୍ । 'ପେଟ ପୋଷ ନାହିଁ ଦୋଷ' ବାକ୍ୟର ଅପବ୍ୟବହାର ପ୍ରାୟ ସବୁଠାରେ ଦେଖିବାକୁ ମିଳୁଛି ଏହି ରୂପରେ । ସଚେତନତା ନାମରେ ଲୋକେ ଦିନକୁ ଦିନ ଅଚେତ୍ ଅବସ୍ଥାକୁ ଗଲେଣି । ନହେଲେ କ'ଣ ଗାଁରେ ଭଡ଼ା ରହିବାକୁ ଆସିଥିବା କୌଣସି ଭଡ଼ାଟିଆ ଗୋଟିଏ ଗ୍ରାମର କିଛି ପରିବାରକୁ ଭୁଆଁ ବୁଲେଇ ପାରିଥା'ନ୍ତା ? ନା ସେ ମାତୃଦେବୀଙ୍କ ପରିବାର ବା ପରିବାରର ସଂପର୍କୀୟଙ୍କ ମୁଣ୍ଡରେ ତା' ନାମର ଭୂତ ପୂରେଇ ପାରିଥା'ନ୍ତା ? ଭଗବାନଙ୍କ ନାମ ନ ନେଇ ଏ ଡହରା ଦଲାରିଆ ଚରିତ୍ରମାନଙ୍କ ନାମ କିଛି ପରିବାର ଶୟନେ, ସପନେ, ଜାଗରଣେ ଚିନ୍ତନ କରିବା କ'ଣ କମ୍ ବଡ଼ କଥା ନୁହେଁ କି ଆଜ୍ଞା ?

# ଓଡ଼ିଶାର ମନଲୋଭା ବେଳାଭୂମି

–––––––––ଶରତ କୁମାର ରାଉତ–––––––––



ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦର୍ଯ୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ । ଏଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ତଟ ଓ ବଙ୍ଗୋପସାଗର ମଧ୍ୟରେ ଥିବା ବିଭିନ୍ନ ଦ୍ୱୀପର ଉଦାହରଣ ନିଆ ଯାଇପାରେ । ଏକ କମନୀୟ କ୍ଷୁଦ୍ର ବେଳାଭୂମି ସଦୃଶ ଅବିକଳ ଧନୁ ଆକାରର ୭.୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ମନଲୋଭା ବେଳାଭୂମି ଲମ୍ବିଛି ସାତଭାୟା ଓ ବରୁଣେଇ ମୁହାଣ ମଧ୍ୟରେ । ଯାହା ସଂଲଗ୍ନ ରହିଛି ବିଶ୍ୱ ବିଖ୍ୟାତ ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ତଥା କଇଁଛ ପ୍ରଜନନ କେନ୍ଦ୍ର । ତଟବର୍ତ୍ତୀ ଅଳ୍ପ କେତୋଟି ଗ୍ରାମକୁ ଛାଡ଼ିଦେଲେ, ସାରା ଅଂଚଳ ଘଂଚ ଅରଣ୍ୟାନିରେ ପୂର୍ଣ୍ଣ । ଏହି ସୁଦୀର୍ଘ କମନୀୟ ବେଳାଭୂମି ଠାରୁ ବଙ୍ଗୋପସାଗର ଭିତରକୁ ହାରାହାରି ୧୮ କି.ମି. ଦୂରରେ ରହିଛି ଏକ ପ୍ରାକୃତିକ ଅନାମଧେୟ ଆଇଲାଣ୍ଡ । ଯାହା ସୁନ୍ଦର ବୃକ୍ଷରାଜି ଓ କମନୀୟ ସୌନ୍ଦର୍ଯ୍ୟରେ ଭରା ୨୪ ଏକର ପରିମିତ ଅଂଚଳ । ଏହାର ମାତ୍ର ୫ କି.ମି. ଦୂର ଦକ୍ଷିଣକୁ ବ୍ରିଟିସ୍ ବାଣିଜ୍ୟର କୋଠା ହୁକିଟେଲା ଓ ଏଠାରୁ ମାତ୍ର ୪.୫ କି.ମି. ଦୂର ଦକ୍ଷିଣକୁ ବତୀଘର ଏବଂ ଏହାର ପଶ୍ଚିମକୁ ସ୍ଥଳ ସୀମାକୁ ଲାଗି ରହିଛି ଜମ୍ବୁ ଜେଟ୍ଟୀ ଓ ଖରିନାସୀ ଜେଟ୍ଟୀ । ଜମ୍ବୁ ଜେଟ୍ଟୀ ନିକଟରୁ ୬.୫ କି.ମି. ସମୁଦ୍ର ଭିତରକୁ ଅନ୍ୟ ଏକ ଆଇଲାଣ୍ଡ ରହିଛି, ଯାହାର ନାମ ମାଦେଲି ଚଡା । ପ୍ରାୟ ୧୦୦ ଏକର ପରିମିତ ଅଂଚଳର ଏହି ଆଇଲାଣ୍ଡ, ହୁକିଟେଲା ଓ ବତୀଘର ଭୌଗୋଳିକ ଦୃଷ୍ଟିରୁ ଏକ ସମବାହୁ ତ୍ରିଭୁଜ ଭିତରେ ରହିଛନ୍ତି । ଅର୍ଥାତ୍ ଏହି ଆଇଲାଣ୍ଡ ପାଖରୁ ୪.୫ କି.ମି. ଉତର-ପୂର୍ବକୁ ହୁକିଟେଲା ଓ ୪.୫ କି.ମି. ଦକ୍ଷିଣ-ପୂର୍ବକୁ ବତୀଘର ଓ ବଙ୍ଗୋପସାଗରର ରିମ୍‌ଝିମ୍ ନୀଳ ଜଳରାଶି ପ୍ରତ୍ୟେକ ନିଜ ନିଜର ଅପରୂପ ସୌନ୍ଦର୍ଯ୍ୟ ପରିପ୍ରକାଶ କରୁଥିବା ବେଳେ ଏସବୁର ଫେଂଟାଫେଂଟିରେ ଯେଉଁ ଦୁର୍ଲଭ ପ୍ରାକୃତିକ ଦୃଶ୍ୟରାଜିର ସମାହାର ଘଟୁଛି ଏଠାରେ, ତାହାର ଏଯାଏ ଉପଯୁକ୍ତ ଉପଯୋଗ ହୋଇ ପାରିନାହିଁ । ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ଭିତରକନିକା ଓ ଏହାର ଆଖପାଖ ଅଂଚଳର ବିକାଶ ତଥା କ୍ରୁଇଜ୍ ବ୍ୟବସ୍ଥା ପାଇଁ କେରଳ ଇନ୍‌ଲାଣ୍ଡ ଅଥରିଟି ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି । ସେହିପରି ୨୦୧୪ ମସିହାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ବତିଘର ଓ ଜମ୍ବୁ ଦ୍ୱୀପରେ ଥିବା ହୁକିଟେଲାର ଶୀଘ୍ର ବିକାଶ ହେବାର ଆବଶ୍ୟକତା ରହିଛି । ହୁକିଟେଲାରେ ଥିବା ବ୍ରିଟିସ୍ ଅମଳର କୋଠାକୁ ବିଶ୍ୱବ୍ୟାଙ୍କର ୧କୋଟି ୩ଲକ୍ଷ ୯୩ ହଜାର ଟଙ୍କା ଅନୁଦାନରେ ପୁନରୁଦ୍ଧାର କରାଯିବାର ବ୍ୟବସ୍ଥା ହୋଇଛି । ହୁକିଟେଲା ଠାରେ ଗୋଟିଏ ଫ୍ଲୋଟିସ୍ ଜେଟି ନିର୍ମାଣ ହେବାର ପ୍ରସ୍ତାବ ରହିଥିବାବେଳେ ହୁକିଟେଲା ଯା'ଆସ ପାଇଁ ନଦୀକୂଳ ଠାରୁ ହୁକିଟେଲା ପର୍ଯ୍ୟନ୍ତ ଏକ ସଂଯୋଗ ରାସ୍ତା ନିର୍ମାଣ ହୋଇଛି । ହୁକିଟେଲା ଠାରେ ମଧ୍ୟ ଏକ ୱାଚ୍ ଟାୱାର ନିର୍ମିତ ହୋଇଛି । ବାସ୍ତବିକ ଓଡ଼ିଶାର ବେଳାଭୂମିକୁ ଉପଯୁକ୍ତ ଉପଯୋଗ କରି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଇବା ଉତ୍କଳର ମୁକୁଟବିହୀନ ସମ୍ରାଟ ବିଜୁବାବୁଙ୍କର ସ୍ୱପ୍ନ ଥିଲା ଓ ସେ ବହୁବାର ଉପକୂଳବାସୀଙ୍କୁ ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ସେ ସ୍ୱୟଂ ଇଣ୍ଡୋନେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁର ବେଳାଭୂମିର ଉପଯୁକ୍ତ ଉପଯୋଗ ହୋଇଥିବା ଦେଖି ଓଡ଼ିଶାର ବେଳାଭୂମିକୁ ସେହି ଢଙ୍ଗରେ ଗଢି ତୋଳିବାକୁ ଏକପ୍ରକାର ବଦ୍ଧ ପରିକର ଥିଲେ । ମାତ୍ର ତାଙ୍କ ଜୀବଦ୍ଦଶାରେ ଏହା ସମ୍ଭବ ହୋଇ ପାରିନଥିଲା । ହେଲେ ତାଙ୍କର ଅଧୂରା ସ୍ୱପ୍ନ ପୂରଣ କରିବା ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କ ପାଇଁ କିଛି ବଡ଼ କଥା ନୁହେଁ ।

ମନୋରମ ଦେଶ ଥାଇଲାଣ୍ଡ ଏକ ପ୍ରଦୂଷଣ ମୁକ୍ତ ଦେଶ ଓ ଏହା ମଧ୍ୟ ମନୋରମ ସପିଙ୍ଗ୍ କମ୍ପ୍ଲେକ୍ସ, ସୁନ୍ଦର ସଡ଼କ ଓ କମନୀୟ ଦୃଶ୍ୟରାଜି ଭରା ସମୁଦ୍ର ବେଳାଭୂମି ଏବଂ ସୁସ୍ଥ ପରିବେଶ ପାଇଁ ପ୍ରସିଦ୍ଧ । ଥାଇଲାଣ୍ଡ ଓ ତାହାର ସମୁଦ୍ର ବେଳାଭୂମିର ମନୋରମ ଦୃଶ୍ୟରାଜି ବିଶ୍ୱରେ ପ୍ରମୁଖ ସ୍ଥାନ ଦଖଲ କରିଛି । ସବୁଠୁ ଆକର୍ଷକ ଦୃଶ୍ୟରାଜି ହେଲା, ଏହାର ପଟାୟା ସମୁଦ୍ର ବେଳାଭୂମିର କମନୀୟ ରୂପ । ଏହି ବେଳାଭୂମିର ଦୈର୍ଘ୍ୟ ମାତ୍ର ୧.୨୫ କିଲୋମିଟର ଓ ଚଉଡ଼ା ମାତ୍ର ୧୫୦ ମିଟର । ୧୭ ଏକର ବିଶିଷ୍ଟ ଏହି ଆଇଲାଣ୍ଡର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସାରା ବିଶ୍ୱରୁ ଛୁଟି ଆସନ୍ତି ହଜାର ହଜାର ପର୍ଯ୍ୟଟକ ପ୍ରତିଦିନ । ଆଉ ପର୍ଯ୍ୟଟକମାନଙ୍କ ଆଗମନରେ ପଟାୟା ଅନେକ ସୁନ୍ଦର ଅଟ୍ଟାଳିକାକୁ ନେଇ ଏକ ଲୋଭନୀୟ ନଗରୀରେ ପରିଣତ ହୋଇଛି । ଏହା ବିଶ୍ୱ ପର୍ଯ୍ୟଟନର ବିଖ୍ୟାତ କ୍ଷେତ୍ର ସିଙ୍ଗାପୁରଠାରୁ ମଧ୍ୟ ଲୋଭନୀୟ । ସେହିପରି କେନ୍ଦ୍ରାପଡ଼ାର ମନୋରମ ସାମୁଦ୍ରିକ ପର୍ଯ୍ୟଟନ ଓ ପର୍ଯ୍ୟଟନ ସ୍ଥଳ ଗୁଡ଼ିକୁ ପଟାୟା ଭଳି ବିକଶିତ କରାଯାଇପାରିଲେ, ଏହା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ମଧ୍ୟରେ ଅଦ୍ୱିତୀୟ ହୋଇ ପାରିବ । ତେବେ ଏହି ଅଂଚଳକୁ ଏକ ଦୁର୍ଲ୍ଲଭ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ ହେଲେ, ଅତି ବେଶୀରେ ୫୦୦ରୁ ୬୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ । ଏହାର ଦାୟିତ୍ୱ ରାଜ୍ୟ ସରକାର ମଧ୍ୟ କୌଣସି ଘରୋଇ ସଂସ୍ଥାକୁ ଦେଇପାରନ୍ତି । ଏହି ଆଶା ବାସ୍ତବରେ ପରିଣତ ହେଲେ, ଏହା ଯେ ପୃଥିବୀର ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଅନନ୍ୟ ଭୂମିକା ଗ୍ରହଣ କରିବ, ଏଥିରେ ତିଳେହେଁ ସନ୍ଦେହ ନାହିଁ । ଏହାଦ୍ୱାରା ଓଡ଼ିଶା ସରକାରଙ୍କର ପ୍ରଚୁର ବୈଦେଶିକ ମୁଦ୍ରା ଆୟ ହେବା ସହ ସ୍ଥାନୀୟ ଅଂଚଳର ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ଭବ ହେବ । ସେହିପରି ଆମର ୪୮୦ କିମି ବ୍ୟାପୀ ମନୋରମ ଉପକୂଳର ପ୍ରାକୃତିକ ଦୃଶ୍ୟରାଜି ଓ ରାଜ୍ୟରେ ଥିବା ଅନେକ ଅପରୂପ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଆବଶ୍ୟକ ହୋଇ ପଡ଼ିଛି ।

ବିଶ୍ୱର ଅନେକ ବିକଶିତ ଦେଶ ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ ଯୋଗୁ ଆଗକୁ ବଢିଥିବା ନଜିର ରହିଛି । ମାତ୍ର ଆମ ଦେଶରେ ଏଇ ଧାରଣା, ଧାରଣାରେ ହିଁ ରହିଯାଇଛି । ଏ କ୍ଷେତ୍ରରେ ରାଜ୍ୟ ପର୍ଯ୍ୟଟନ ବିଭାଗର ସକ୍ରିୟ ଭୂମିକା ଆବଶ୍ୟକ । ଏହି ଅଂଚଳର ପର୍ଯ୍ୟଟନ କ୍ଷେତ୍ରକୁ "ବିଜୁ ପର୍ଯ୍ୟଟନ କ୍ଷେତ୍ର"ନାମରେ ନାମିତ କରାଯାଇପାରେ । ପଟାୟା ଭଳି ଦେଶ-ବିଦେଶର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମତରେ, ବିଶ୍ୱର ଅନ୍ୟାନ୍ୟ ଦ୍ୱୀପ ଠାରୁ ଆମ ଓଡ଼ିଶାର ଦ୍ୱୀପଗୁଡ଼ିକ ବହୁ ଗୁଣରେ ଉନ୍ନତ, କମନୀୟ ଓ ଦର୍ଶନୀୟ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନ ସ୍ଥଳୀ ଭଳି କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଠାରୁ ଆରମ୍ଭ କରି ସମୁଦ୍ର ଉପକୂଳର ଅପରୂପ ପ୍ରାକୃତିକ ଦୃଶ୍ୟ, ହୁକିଟେଲା, ଜମ୍ବୁ, ବ୍ରିଟିସ୍ ବାଣିଜ୍ୟର କୋଠା ଓ ମନୋରମ ଦ୍ୱୀପଗୁଡ଼ିକୁ ନେଇ ଏକ ବିଶାଳ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବା ଉଚିତ । ଏଥିପାଇଁ ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ଠା ଓ ଆନ୍ତରିକତାର ଆବଶ୍ୟକତା ରହିଛି । ତେବେ ଜିଲ୍ଲାରେ ଅସୁରକ୍ଷା ବଳୟରେ ରହିଥିବା ବିଶ୍ୱବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ହେନ୍ତାଳ ଜଙ୍ଗଲ ଆଦି ଐତିହ୍ୟର ମଜଭୁତ୍ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲ୍ଲାର ସାଂସଦ ଓ ବିଧାୟକ ମାନେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଗଭୀର ଆଶା ରଖିଛନ୍ତି ।

*–ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ–୯୩୩୭୩୬୯୪୪୮*




# ଏଚସିଏଲ୍ ଜିଗସ୍ୱର ତୃତୀୟ ସଂସ୍କରଣ ପାଇଁ ପିକରଣ

ଭୁବନେଶ୍ୱର, (ପି.ଏନ), ୪ ଓ ୫ ତାରିଖରେ ଆମେରିକାର ୧୧.୨ ବିଲିୟନ ଆମେରିକୀୟ ଡଲାରର ବିଶ୍ୱସ୍ତରୀୟ କନଗ୍ଲୋମେରେଟ ପକ୍ଷରୁ ଭାରତର ପ୍ରମିୟର କ୍ରିଟିକାଲ ପ୍ଲାଟଫର୍ମ ଏଚସିଏଲ୍ ଜିଗସ୍ୱର ତୃତୀୟ ସଂସ୍କରଣ ପାଇଁ ପିକରଣ ସମ୍ପର୍କରେ ଘୋଷଣା କରାଯାଇଛି। ଭର୍ଚୁଆଲ, ପାନ-ଇଣ୍ଡିଆ କାର୍ଯ୍ୟକ୍ରମ ଏକ ବହୁ ସ୍ତରୀୟ ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ଭାରତର ଟପ ୟଙ୍ଗ ପ୍ରୋବ୍ଲେମ୍ ସ୍ଲଭରଙ୍କୁ ଚିହ୍ନଟ କରି ପୁରସ୍କୃତ କରାଯିବ। ଏଥିପାଇଁ କ୍ୱାଲିଫାୟର ୨୦୨୨ ଅଗଷ୍ଟ ୮ରୁ ୧୪ ମଧ୍ୟରେ ହେବ। ସେହିପରି ସେମିଫାଇନାଲ ୨୦୨୨ ଅଗଷ୍ଟ ୨୦ରେ ହେବ ଏବଂ ଫାଇନାଲ ୨୦୨୨ ଅଗଷ୍ଟ ୨୨ରେ ହେବ।ଏଚସିଏଲ୍ ଜିଗସ୍ୱରେ ୬ ରୁ ୯ ଶ୍ରେଣୀ ପର୍ଯ୍ୟ' ସ୍କୁଲ ପିଲାଙ୍କ ମୂଲ୍ୟାଙ୍କନ ରିସର୍ଚ୍ଚ, କ୍ରିଟିକାଲ ଥିଙ୍କିଙ୍ଗ୍ ଏବଂ କମ୍ୟୁନିକେଶନ ଦ୍ୱାରା କରାଯିବ। ଆଗ୍ରହୀ ଛାତ୍ର କିମ୍ବା ବିଦ୍ୟାଳୟଗୁଡ଼ିକ ପ୍ରତିଯୋଗିତାରେ ଭାଗ ନେବାକୁ ୩୧ ଜୁଲାଇ ୨୦୨୨ ସୁଦ୍ଧା www.hcljigsaw.comରେ ଆବେଦନ କରିପାରିବେ। ଏଚସିଏଲ୍ ଜିଗସ୍ୱ-୩.୦ ପାଇଁ ମୋଟ ପୁରସ୍କାର ପରିମାଣ ୧୨ ଲକ୍ଷ ଟଙ୍କା ରହିଛି। ଏହା ସହିତ ବିଜେତା ଏବଂ ଫାଇନାଲିଷ୍ଟମାନେ ଏଚସିଏଲ୍ ଇଞ୍ଜିନିୟରିଂରେ ଏବଂ ଇନୋଭେଶନ ଲ୍ୟାବ୍‌ରେ ଶିକ୍ଷାଲାଭର ସୁଯୋଗ ପାଇବେ। ଏହି ଅବସରରେ ଏଚସିଏଲ୍ କର୍ପୋରେଶନର ଷ୍ଟ୍ରାଟେଜି ସଭାପତି ସୁନ୍ଦର ମହାଲିଙ୍ଗମ୍ କହିଲେ, ଆମେ କେବଳ ଜଣେ ବ୍ୟକ୍ତି ନୁହେଁ ବରଂ ସମଗ୍ର ସମାଜର ସାମର୍ଥ୍ୟକୁ ବୃଦ୍ଧି କରିବାର ପ୍ରୟାସ କରିଥାଉ। ଏହି ଯାତ୍ରାରେ ଶିକ୍ଷକ ଏବଂ ବିଦ୍ୟାଳୟଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'। ଏଚସିଏଲ୍ ଜିଗସ୍ୱ ୩.୦ରେ ରିଅଲ ୱାର୍ଲ୍ଡ କେସ ଷ୍ଟଡିଜ ଉପସ୍ଥାପନ କରିବ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହଜନକ ପୁରସ୍କାର ଜିତିବା ସହିତ ଅଭିନବ ସମାଧାନ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ତିନୋଟି ପ୍ରାଥମିକ ଗୁଣରେ ୧୦ ଟି ପାରାମିଟରରେ ଅଂଶଗ୍ରହଣକାରୀ ଛାତ୍ରମାଲ୍ର ଏଚସିଏଲ୍ ଜିଗସ୍ୱରେ ମୂଲ୍ୟାଙ୍କନ କରାଯିବ- ରିସର୍ଚ୍ଚ ସ୍କିଲ୍‌ରେ ଏକ ସମସ୍ୟାକୁ ବ୍ୟାଖ୍ୟା କରିବା ସହିତ ଅନୁସନ୍ଧାନ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଏବଂ ସୂଚନା ସଂଗ୍ରହ ତଥା ସଂଗଠିତ କରିବାରେ କେତେ ସକ୍ଷମ ତାହା ଉପରେ ଛାତ୍ରମାନଙ୍କର ମୂଲ୍ୟାଙ୍କନ କରାଯିବ। ଏଚସିଏଲ୍ ଜିଗସ୍ୱ ହେଉଛି ଏକ ଭର୍ଚୁଆଲ ପ୍ରତିଯୋଗିତା ଏବଂ ତିନୋଟି ମୂଲ୍ୟାଙ୍କନ ପର୍ଯ୍ୟାୟ ଏଥିରେ ଅ'ଭୁକ୍ତ- ଅଗଷ୍ଟ ୮ - ୧୪, ୨୦୨୨ ମଧ୍ୟରେ କ୍ୱାଲିଫାୟର୍ସ ରାଉଣ୍ଡରେ ୪୦ ମିନିଟ ପାନ-ଇଣ୍ଡିଆ ଅନଲାଇନ ଅଲିମ୍ପିଆଡ ହେବ। ଏହି ରାଉଣ୍ଡର ସମସ୍ତ ଛାତ୍ରମାନେ ପ୍ରତ୍ୟେକ ଦକ୍ଷତା ଉପରେ ସେମାନଙ୍କର କାର୍ଯ୍ୟଦକ୍ଷତାର ଏକ ବ୍ୟକ୍ତିଗତ ଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ ପାଇବେ। ସେମିଫାଇନାଲ- ଅଗଷ୍ଟ ୨୦, ୨୦୨୨ ରେ ଅପରାହ୍ନ ୩ଟା ପରେ ହେବ- ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ୧୦ ପ୍ରତିଶତ ତିନିଟି ଦଳରେ ବିଭକ୍ତ ହେବ। ପ୍ରତ୍ୟେକ ଶ୍ରେଣୀର ଛାତ୍ରମାନେ ଏହି ପର୍ଯ୍ୟାୟରେ ଦଳଗୁଡିକରେ ଗୋଷ୍ଠୀଭୁକ୍ତ ହେବେ। ଅଗଷ୍ଟ ୨୨, ୨୦୨୨ ରେ ହେବାକୁ ଥିବା ଫାଇନାଲ - କେସ ଷ୍ଟଡି ରାଉଣ୍ଡ କରାଯିବ- ୯ ଛାତ୍ରଛାତ୍ରୀମାନେ ଏହି ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ତିନିଜଣ ଛାତ୍ର (ସମୁଦାୟ ୧୨ ଜଣ ଛାତ୍ର) ଭାରତର ଶ୍ରେଷ୍ଠ ଯୁବ ସମସ୍ୟାର ସମାଧାନ ଆଖ୍ୟା ଅର୍ଜନ କରିବେ। ୩୫ ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳର ୩୦୦୦ରୁ ଅଧିକ ବିଦ୍ୟାଳୟର ୧୧,୦୦୦ ରୁ ଅଧିକ ଛାତ୍ର ଏଚସିଏଲଏ୍ ଜିଗସ୍ୱର ପ୍ରଥମ ଦୁଇଟି ସଂସ୍କରଣରେ ଅଂଶଗ୍ରହଣ କରିଥିଲେ।

# ଓଡିଶା ଉଠାଜଳସେଚନ ନିଗମ ଜାତୀୟସ୍ତରରେ ପୁରସ୍କୃତ

ଭୁବନେଶ୍ୱର, (ପି.ଏନ): ଓଡିଶା ଜଳ ସଂପଦ ବିଭାଗ ଅନ୍ତର୍ଗତ ଓଡିଶା ଉଠାଜଳସେଚନ ନିଗମକୁ ୨୦୨୧-୨୨ ବର୍ଷ ନିମନ୍ତେଶ୍ରେଷ୍ଠ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ପାଇଁ ସର୍ବଭାରତୀୟସ୍ତରରେ ପୁରସ୍କୃତ କରାଯାଇଛି। ଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଉଦ୍ୟମ ପାଇଁ ଓଡିଶା ଉଠାଜଳସେଚନ ନିଗମକୁଏହି ୧୫ତମ 'ୱାଟର ଡାଇଜେଷ୍ଟ ୱାଟର ଆୱାର୍ଡସ'ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ୨୯ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଠାରୁ ନିଗମର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ ।ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପଗୁଡିକ ରାଜ୍ୟର କୃଷକମାନଙ୍କୁ ଆବଶ୍ୟକୀୟ ଜଳସେଚନ ସୁବିଧାଯୋଗାଇ ଦେବା ସହିତ ସେମାନଙ୍କୁ ବିବିଧ ଚାଷ ପ୍ରକ୍ରିୟାରେ ସହାୟକ ହୋଇଛି । ଏଥି ସହିତ କୃଷକଗୋଷ୍ଠୀମାନଙ୍କର ଉନ୍ନତି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱଳ୍ପ ବ୍ୟୟରେ ଜଳସେଚନ ସୁବିଧା ଏବଂ ସହଜରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଯୋଗୁଁ କୃଷକମାନେ ବହୁଳ ଭାବେ ଉପକୃତ ହେବା ସହିତ ସଶକ୍ତ ହୋଇପାରୁଛନ୍ତି ।ଚଳିତ ବର୍ଷ, ଓଡିଶା ଉଠାଜଳସେଚନ ନିଗମ ପ୍ରତିଷ୍ଠା ଦିବସର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣଜୟନ୍ତୀ ପାଳନ କରିବାକୁ ଯାଉଛି । ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଓ.ଏଲ୍.ଆଇ.ସି. ପ୍ରଥମ ଥର କରି ଏହି ଜାତୀୟସ୍ତରୀୟ ପୁରସ୍କାର ଲାଭ କରିଥିବାରୁ ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ। ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ। ନୂଆ କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ। ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ ?୍ ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ। ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ ?ନ ବ୍ୟବସ୍ଥା ପ୍ରଭାବିତ ହେବ। ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ। ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ ?ିଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଢ଼ା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ଼ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଭେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ ।




# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚ୍‌ସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।

# କେନ୍ଦୁଝରେ ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ

ଭୁବନେଶ୍ୱର, (ପି.ଏନ) କେନ୍ଦୁଝର ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣଙ୍କୁ ସମ୍ମାନ ସହିତ ସେମାନଙ୍କର ଅଭିଯୋଗ ଶୁଣାଣି ଓ ଅଭିଯୋଗ ଉପରେ ତୁରନ୍ତ ନ୍ୟାୟୋଚିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ସମସ୍ତ ଅଧିକାରୀମାନଙ୍କୁ ନିଜ ଓ ନିଜ ଅଧିନସ୍ଥ କାର୍ଯ୍ୟାଳୟମାନଙ୍କରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜନସାଧାରଣଙ୍କୁ ଆଇନ ଅନୁଯାୟୀ ଦାଖଲ ଖାରଜ ଓ ଘରବାଡ଼ି ପଟ୍ଟା ସେବା ତ୍ୱରିତ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସାର୍ଟିଫିକେଟ ସେବା ଯଥା ରେସିଡେଣ୍ଟ, ଇନକମ ଓ ଜାତିଗତ ପ୍ରମାଣପତ୍ରରେ କୌଣସି ବିଳମ୍ବ ନକରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଘସିପୁରା ତହସିଲ ଅନ୍ତର୍ଗତ ତୋରାଣିଆପାଳ ଗ୍ରାମ ଭୂଲେଖରେ ତୁରନ୍ତ ଦର୍ଶାଇବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।କେନ୍ଦୁଝର ଜିଲ୍ଲାରେ ୧୯୭ ଲଘୁ ଖଣିଜ ଉତ୍ସରୁ ମାତ୍ର ୫୫ ଲଘୁ ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହୋଇଛି ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅବଶିଷ୍ଟ ଲଘୁ ଖଣିଜ ଉତ୍ସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟତଃ ଘସିପୁରା ଓ ଆନନ୍ଦପୁର ଅଂଚଳରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ରୋକିବା ଦିଗରେ ଉପ ଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ କଡା ତାଗିଦ କରାଯାଇଥିଲା । ସମସ୍ତ ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କିମ୍ବା ଲଘୁ ଖଣିଜ ଉତ୍ସରୁ ସମସ୍ତ ଲଘୁ ଖଣିଜ ସମ୍ପଦ ବିଲୁପ୍ତ ହୋଇଥିଲେ ତାକୁ ଆଇନ ଅନୁଯାୟୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଏବଂ ବେଆଇନ ଲଘୁ ଖଣିଜ ସମ୍ପଦ ଉଠାଣ ଉପରେ କଡା ପଦକ୍ଷେପ ନେବାକୁ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସମସ୍ତ କ୍ଷେତ୍ରାଧିକାରୀଙ୍କୁ ଲଘୁ ଖଣିଜସଂପଦରୁ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ତହସିଲଦାରମାନଙ୍କୁ ଲଘୁ ଖଣିଜ ଚୋରା ଚାଲାଣ ସମୟରେ ଚଢ଼ାଉ ବେଳେ ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତହସିଲଦାରମାନଙ୍କୁ ପୋଲିସ ସହ ଭଲ ସମନ୍ୱୟ ରକ୍ଷା କରି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବାକୁ କୁହାଯାଇଥିଲା ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ ସମସ୍ତ ଜମି ଅଧିଗ୍ରହଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମଧ୍ୟରେ କାର୍ଯ୍ୟକ୍ଷମ ଦୈତାରୀ ବାଂଶପାଣି ରେଳପଥ ପ୍ରକଳ୍ପ, ସିଂଘଡା ବିଞ୍ଜବାହାଲ ଓ ପାଣିକୋଇଲି ରିମୁଳି ଜାତୀୟ ରାଜପଥ ପ୍ରଶସ୍ତିକରଣ ନିମନ୍ତେ ତ୍ୱରିତ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଜାତୀୟ ରାଜପଥ ୨୦ରେ ରିମୁଳି କୋଇଡା ମଧ୍ୟରେ ଜମି ଅଧିଗ୍ରହଣ କରି ଦାଖଲ ଖାରଜ ମାମଲାରେ ପଟ୍ଟା ସଂଶୋଧନ କରି ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଜମି ହସ୍ତାନ୍ତରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆନନ୍ଦପୁର ବ୍ୟାରେଜ, କାନପୁର ଓ ଦେଓ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣକୁ ପ୍ରାଥମିକତା ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ୫ଟି ଉଚ୍ଚ ବିଦ୍ୟାଳୟକୁ ଏପ୍ରିଲ ୩୦ ସୁଦ୍ଧା ସଂଶୋଧିତ ଜମି ପଟ୍ଟା ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦବ୍ୟତୀତ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ଏପ୍ରିଲ ୩୦ ସୁଦ୍ଧା ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଜମି ପଟ୍ଟା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ନୂତନ ରାଜସ୍ୱ ନିରୀକ୍ଷକମାନଙ୍କ ପାଇଁ ବାସଭବନ ତଥା କାର୍ଯ୍ୟାଳୟ ନିର୍ମାଣ ଦିଗରେ ଏପ୍ରିଲ ୧୫ ସୁଦ୍ଧା ଜାଗା ଚିହ୍ନଟ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷା ଓ ସଂରକ୍ଷଣ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏହିପରି ନିୟମିତ ସମୀକ୍ଷା ବୈଠକ କରାଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରାଥମିକତା ଉପରେ ଗୁରୁତ୍ୱାରୋପ କରି ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଭାସୀ ବୈଠକରେ ବିଭାଗର ବହୁ ବରିଷ୍ଠ ଅଧିକାରୀ, ଆଇ. ଜି. ଆର, ଭୂ-ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ,ଏନ. ଆଇ. ସି.ର ବରିଷ୍ଠ ଅଧିକାରୀ, କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜମିଗ୍ରହଣ ଅଧିକାରୀ, ସ୍ୱତନ୍ତ୍ର ଜମିଗ୍ରହଣ ଅଧିକାରୀ, ତହସିଲଦାର ତଥା ଅନ୍ୟାନ୍ୟ କ୍ଷେତ୍ରାଧିକାରୀମାନେ ଯୋଗ ଦେଇଥିଲେ ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୪ ଓ ୫ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ଓଡ଼ିଶା ବିଜ୍ଞାନ ଏକାଡେମୀ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ବିଜ୍ଞାନ ଶିକ୍ଷାକୁ ଅଧିକ ସଶକ୍ତ କରିବା ପାଇଁ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ପରିଦର୍ଶନ କରିବା ନିମନ୍ତେ 'ଇସ୍ରୋ' ଓ 'ନାସା'କୁ ପଠାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ଓଡ଼ିଶା ବିଜ୍ଞାନ ଏକାଡେମୀର ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟରେ 'ମୋ ସ୍କୁଲ' ଯୋଜନାରେ ଆଦର୍ଶ ବିଦ୍ୟାଳୟଗୁଡ଼ିକର ବିଜ୍ଞାନ ଓ ଗଣିତ ଶିକ୍ଷକମାନଙ୍କୁ ଉଚ୍ଚତର ତାଲିମ ଦିଆଯିବା ସହିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରିବା ନିମନ୍ତେ ସରକାର କାର୍ଯ୍ୟ କରୁଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞାନର ଲୋକପ୍ରିୟତା ବୃଦ୍ଧି ଓ ଉପଯୋଗର ପ୍ରସାର ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଏବଂ ୬ଟି ଜିଲ୍ଲାରେ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ । ଇମେଜ୍ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମାରୋହରେ ଆଂଚଳିକ ଭେଷଜ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟ ରଖିଥିବାବେଳେ ଏକାଡେମୀର ସଭାପତି ପ୍ରଫେସର ବିଭୂତିଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଖ୍ୟାତିସଂପନ୍ନ ବୈଜ୍ଞାନିକ ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା, ଡ. ବେଦାଙ୍ଗ ଦାସ ମହାନ୍ତି, ପ୍ରଫେସର ଜ୍ୟୋତିର୍ମୟୀ ଦାଶ, ଡ. ଜ୍ୟୋତିରଞ୍ଜନ ଏସ୍. ରାୟ, ଡ. ମାମୋନୀ ଦାଶ ଓ ପ୍ରଫେସର ନାରାୟଣ ପ୍ରଧାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମାନପତ୍ର ଓ ଉପଢୌକନ ସହ ମନ୍ତ୍ରୀ ଶ୍ରୀ ପଣ୍ଡା ସମ୍ମାନିତ କରିଥିଲେ । ଏକାଡେମୀ ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଦିଗନ୍ତ'(ଓଡ଼ିଆ) ଓ 'ସାଇନ୍ସ ହୋରାଇଜନ୍'(ଇଂରାଜୀ) ପତ୍ରିକା ଉନ୍ମୋଚିତ ହୋଇଥିଲା । ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ପ୍ରକଳ୍ପ ନିର୍ମାଣ, ତର୍କ, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପୂର୍ବରୁ ଦୁଇଦିନ ଧରି ବିଜ୍ଞାନ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱରଞ୍ଜନ ସାସମଲ, ବିଜ୍ଞାନ ଓ ବୈଷୟିକ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀଧର ଦାସ, ବିଶିଷ୍ଟ ଭୂବିଜ୍ଞାନୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ଉଦ୍ୟାନବିତ୍ ଜୟନ୍ତ ଜେନା, ଭୁବନେଶ୍ୱର ପ୍ଲାନେଟୋରିୟମ୍ ର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ, ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ, ଏକାଡେମୀ ପତ୍ରିକାର ସଂପାଦକ ଡ. ମୁରାରୀ ମୋହନ ଦାସ ଓ ଇଂ. ମାୟାଧର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖି ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ । ଏକାଡେମୀ ସଂପାଦକ ଇ. ନରେନ୍ଦ୍ର କୁମାର ପଣ୍ଡା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।



2021-2022
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ପାରାଦୀପ ବନ୍ଦର ପକ୍ଷରୁ ୫୯ ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ

ପାରାଦୀପ-(ପି.ଏନ): ୫୯ତମ ନୌବାଣିଜ୍ୟ ଦିବସ ପାରାଦୀପ ବନ୍ଦର ପକ୍ଷରୁ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପାରାଦୀପ ବନ୍ଦର ମେରାଇନ୍ ସାଇଟ୍ ଅଫିସ୍ ନିକଟରେ ଏକ ସମାରୋହ ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ । ଓଡିଶାର ପ୍ରାଚୀନ ନୌବାଣିଜ୍ୟର ସ୍ମୃତି ଚାରଣ କରି କା□ିକ ପୂର୍ଣ୍ଣିମା ସହିତ ଓଡିଆ ସାଧବଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ । ୨୦୩୦ ମସିହା ବେଳକୁ ପାରାଦୀପ ବନ୍ଦର ଦେଶର ଅଗ୍ରଣୀ ବନ୍ଦରରେ ପରିଣତ ହେବ ବୋଲି ଆଶା ପ୍ରକଟ କରିଥିଲେ । ଆଗାମୀ ଦିନରେ ପ୍ରଦୂଷଣ ମୁକ୍ତ ବନ୍ଦର ଭାବେ ପାରାଦୀପ ବନ୍ଦର ଉଭା ହେବ ସେଥି ପାଇଁ ଏଲ.ଏନ୍.ଜି. ଗ୍ରୀନ୍ ଫିଲିଙ୍ଗ ଷ୍ଟେସନ୍ ସ୍ଥାପନ ହେବା ନେଇ ସୂଚନା ଦେଇଥିଲେ । ୨୦୨୫ ମସିହା ସୁଦ୍ଧା ପାରାଦୀପ ବନ୍ଦରାଂଚଳରେ ଏକ ମିଲିୟନ୍ ବୃକ୍ଷରୋପଣ ହେବା ନେଇ ଯୋଜନା ପ୍ରସ୍ତୁତ ହୋଇ ସାରିଥିବା ସେ କହିଥିଲେ । ମେରିଟାଇମ୍ ଭିଜନ୍-୨୦୩୦ ଅଧିନରେ ଏକ ଅତ୍ୟାଧୁନିକ ସିଗନାଲ ଷ୍ଟେସନ ଆଗାମୀ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ଶ୍ରୀ ହରନାଦ ସୂଚନା ଦେଇଥିଲେ । ଆଗାମୀ ଦିନରେ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର ହେବା ନେଇ ସେ ଦୃଢ଼ ଆଶାବାଦୀ ଯାହା କି ସମଗ୍ର ବିଶ୍ୱକୁ ଚକିତ କରି ପାରିବା ଭଳି କ୍ଷମତା ସମ୍ପନ୍ନ ହେବ । ଏହି ସମାରୋହରେ ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ, କୋଷ୍ଟଗାର୍ଡର ଡି.ଆଇ.ଜି. ଓାଇ.କେ.ସିଂ ନୌବାଣୀଜ୍ୟିକ ପରମ୍ପରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଏମ୍.ଭି.ଡେକାନ୍ ପ୍ରାଇଡ୍‌ର ମାଷ୍ଟର କ୍ୟାପ୍‌ଟେନ୍ ରାମ ପ୍ରସାଦ ଯାଦବଙ୍କୁ ଉଲ୍ଲେଖନୀୟ ଅବଦାନ ନିମର୍ିେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ପାରାଦୀପ ବନ୍ଦରର ଉପସଂରକ୍ଷକ କ୍ୟାପ୍ଟେନ୍ ଏ.ସି.ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ମେରାଇନ୍ ଇଂଜିନିୟର ବବୁଲ୍ ସିକଦର ଧନ୍ୟବାଦ ଦେଇଥିଲେ।

## ଡିଙ୍କିଆରେ ମେଗା ସ୍ୱାସ୍ଥ୍ୟ ସେବାର ଆୟୋଜନ କରିବ ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍

ପାରାଦୀପ-୦୪କ- ପ୍ରସ୍ତାବିତ ଜେ.ଏସ୍.ଡବ୍ଲ୍ୟୁ.ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅଂଚଳରେ ତାର ମେଗା ୟୁନିଟ୍ ସ୍ଥାପନ କରିବାକୁ ଯାଉଛି । ଏହି ପ୍ରସ୍ତାବିତ ପ୍ରକଳ୍ପ ଅଂଚଳରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିବ ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍ । ଡିଙ୍କିଆ ପଂଚାୟତ କାର୍ଯ୍ୟାଳୟରେ ମୁମ୍ବାଇର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ କ୍ୟାନସର ଏଡ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆଗାମୀ ଦଶ ତାରିଖ ଦିନ ଏହି ଶିବିର ଆୟୋଜିତ ହେବ । ଏହି ଦିନିକିଆ ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟତଃ କର୍କଟ ରୋଗ ନିରୂପଣ ପରୀକ୍ଷା ସହିତ ମଧୁମେହ, ରକ୍ତଚାପ,ଏସପିଓ,ପଲ୍‌ସ, ବିଏମ୍ଆଇ,ଇସିଜି ଭଳି ବିଭିନ୍ନ ରୋଗର ପରୀକ୍ଷା କରାଯିବ । ମୁମ୍ବାଇର ପ୍ରସିଦ୍ଧ ଟାଟା ମେମୋରିଆଲ୍ କ୍ୟାନ୍‌ସର ହସପିଟାଲ୍‌ର ବରିଷ୍ଠ ଚିକିତ୍ସକ ଡା. ଶିଶିର ରଂଜନ ସେଥୀ ଏହି ଶିବିରରେ ରୋଗ ନିରୂପଣ କରିବେ । ଯେଉଁମାନଙ୍କ ପାଖରେ କୌଣସ ରୋଗର ଲକ୍ଷଣ ମିଳିବ ସେମାନଙ୍କୁ ପରବ□ୀ ଆବଶ୍ୟକ ହେଲେ ସେମାନଙ୍କୁ ଜଗନ୍ନାଥ ଫାଉଣ୍ଡେସନ୍ ପକ୍ଷରୁ ପ୍ରତ୍ୟକ୍ଷ ସହାୟତା ପ୍ରଦାନ କରାଯିବ । ଏହା ବ୍ୟତିତ ସ୍ତ୍ରୀ ଓ ପ୍ରସୁତି, ଅସ୍ଥିଶଲ୍ୟ,ନିଦାନ ଓ ହୃଦରୋଗ ସମ୍ପର୍କରେ ପରୀକ୍ଷା କରାଯିବ । ବିଶେଷ କରି ପ୍ରକଳ୍ପ ଅଂଚଳବାସୀ ଏହି ଶିବିରରେ ଯୋଗ ଦେବାକୁ ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି । ପୂର୍ବରୁ ଏହି ପ୍ରସ୍ତାବିତ ଅଂଚଳରେ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରି ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍ ବେଶ୍ ପ୍ରଶଂସାର ପାତ୍ର ହୋଇପାରିଛି । ପର୍ଯ୍ୟାୟକ୍ରମେ ଡିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଂଚାୟତରେ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ଓ ସହାୟତା କରିବାକୁ ଜେ.ଏସ୍.ଡବ୍ଲ୍ୟୁ ପ୍ରତିଶୃତିବଦ୍ଧ ବୋଲି ସୂଚନା ଦେଇଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଳତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝରର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ୱେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଖେଳ




ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Wednesday April 06 ଭୁବନେଶ୍ୱର ବୁଧବାର, ଅପ୍ରେଲ ୦୬,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ମୋଟିବନ୍ଧ ଉଚ୍ଚ ବିଦ୍ୟାଳୟ ନିକଟରେ ଅବାଧରେ ଚାଲିଛି ମଦ କାରବାର, ଅବକାରୀ ଓ ପୋଲିସ ବିଭାଗ ନୀରବଦ୍ରଷ୍ଟା

କେନ୍ଦୁଝର,(ପି.ଏନ): କେନ୍ଦୁଝର ସହରର ମୋଟିବନ୍ଧ ନୋଡାଲ ହାଇସ୍କୁଲ ନିକଟରେ ଚାଲିଛି ଅବାଧରେ ମଦ କାରବାର। ହାଇସ୍କୁଲ ଠାରୁ ମାତ୍ର ୫୦ ମିଟର ଦୂରରେ ଏକ ଠିପ ବନ୍ଦ ମଦ ଦୋକାନ ରହିଛି। ବିଦ୍ୟାଳୟ ନିଟରେ ମଦ ଦୋକାନ ନ ଖୋଲିବା ନିୟମ ଥିଲେ ହେଁ ଏହି ନିୟମ କୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଇ ମଦ ଦୋକାନ ଖୋଲିଛି। ମଧୁବନ ଠିପି ବନ୍ଦ ଦୋକାନ ରୁ ମଦୁଆମାନେ ମଦ କିଣି ପାଖରେ ଥିବା ଚାଖଣା ଦୋକାନରେ ମଦ ପିଉଛନ୍ତି। ବିଦ୍ୟାଳୟ ନିକଟରେ ମଦ ଦୋକାନ ଥିବାରୁ ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁ ପ୍ରଭାବ ପଡୁଛି। ମଦୁଆମାନେ ମଦ କିଣି ଚାଖଣା ଦୋକାନରେ ମଦ ପିଉଛନ୍ତି। ଏହି ମଦ ଦୋକାନ ରାସ୍ତା ଦେଇ ଶହ ଶହ ଛାତ୍ରଛାତ୍ରୀ ଅଧ୍ୟୟନ ନିମନ୍ତେ ମୋଟିବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଯାଇଥାନ୍ତି। ମଦ ବୋତଲ ଖୋଲି ଗ୍ଲାସରେ ରାସ୍ତାରେ ମଦ୍ୟପ ମାନେ ମଦ ପିଉଛନ୍ତି। ମଦ୍ୟପଙ୍କ ଉତ୍ପାତ ଓ ବିଶୃଙ୍ଖଳିତ ଆଚରଣ ଯୋଗୁଁ ସ୍ୱଷ୍ଟ ଦିବାଲୋକରେ ଝିଅ ବୋହୂମାନେ ମୁଣ୍ଡଟେକି ଯିବା ଆସିବା କରିପାରୁନାହାଁନ୍ତି। ସ୍ଥାନୀୟ ଲୋକ ଅବକାରୀ ବିଭାଗ ଏବଂ ଟାଉନ ପୋଲିସକୁ ଜଣାଇଲେ ମଧ ପଦକ୍ଷେପ ନିଆଯାଉନାହିଁ। ସରକାରୀ ମୋଟିବନ୍ଧ ନୋଡାଲ ସ୍କୁଲକୁ ୫ଟି ଅଧିନରେ ରୂପାନ୍ତରୀକରଣ କରି ଉନ୍ନତିକରଣ କରିଛନ୍ତି। ଗୋଟିଏ ପଟେ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଉଥିବା ବେଳେ ଅନ୍ୟପଟରେ ମଦ ଦୋକାନ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ଦେଖାଦେଇଛି। ସ୍କୁଲ ନିକଟରେ ମଦ ଦୋକାନ ଖୋଲିବା ନେଇ କଟକଣା ରହିଥିଲେ ହେଁ ମଦ ଦୋକାନ ଖୋଲିବା ଅନୁମତି ଦିଆଯାଇଥିବାରୁ ବେଧଡକ ମଦ କାରବାର ହେଉଛି। ଉପଯୁକ୍ତ ତଦାରଖ ଅଭାବରୁ ଉକ୍ତ ସ୍ଥାନରେ ଠିପି ଖୋଲି ମଦୁଆମାନେ ମଦ ପିଉଛନ୍ତି। ଏହାର କୁ ପ୍ରଭାବ ଛୋଟ ଛୋଟ ପିଲା ମାନଙ୍କ ଉପରେ ପଡୁଛି। ଅବକାରୀ ବିଭାଗ ଜାଣି ଚୁପ ବସୁଥିବାରୁ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଛି। ବିଦ୍ୟାଳୟ ନିକଟରୁ ଠିପି ମନ୍ଦ ମଦ ଦୋକାନ ସ୍ଥାନାନ୍ତର ନ କଲେ ସ୍ଥାନୀୟ ଲୋକ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଅବକାରୀ ବିଭାଗ ଚଢାଉ ୩ ଗିରଫ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନ ଯଥା- ସୋସୋ ଥାନା ଅନ୍ତର୍ଗତ ଅନ୍ଧାରୀ, ପଢିଆରିପଲ୍ଲୀ, ବାହିଆବାରଦଣ୍ଡା ପ୍ରଭୃତି ଗ୍ରାମରେ ଅବକାରୀ ବିଭାଗ ଚଢାଉ କରି ୧୦୩ ଲିଟର ମହୁଲି ମଦ ଏବଂ ୧୧୦୦ କେ.ଜି. ମହୁଲି ପୋଚ, ମଦ ପ୍ରସ୍ତୁତି ସରାମ ଜବତ କରିବା ସହ ସଂପୃକ୍ତ କାରବାରରେ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଅନ୍ଧାରୀ ଗ୍ରାମର ସର ମାଝୀ, ସୋସୋ ଗ୍ରାମର ମଙ୍ଗୁଲୁ ମାଝୀ ଏବଂ ବାହିଆବାରଦଣ୍ଡା ଗ୍ରାମର ରାଇମନି ହୋ । ଏହି ଚଢାଉରେ ବକାରୀ ନିରୀକ୍ଷକ ପ୍ରଫୁଲ କୁମାର ମହାନ୍ତ, ଉପନିରୀକ୍ଷକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହିତ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷ୍ମଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସାମିଲ ଥିଲେ ।



ବାବା ଭୈରବାନନ୍ଦ ମହାବିଦ୍ୟାଳୟ, ଚଣ୍ଡିଖୋଲର ଅଧ୍ୟକ୍ଷ ଡକ୍ଟର ବୀରେନ୍ଦ୍ର କୁମାର ମିଶ୍ରଙ୍କ ଅବସର ଗ୍ରହଣ ତଥା ନୂତନ ଅଧ୍ୟକ୍ଷ ଡକ୍ଟର ମନୋଜ କୁମାର ଦାସଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧାପକ ତପନ କୁମାର ଜେନା ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି ।

## ଦ୍ୱିତିୟ ପତ୍ନୀ ସହ ସ୍ୱାମୀଙ୍କ ଆତ୍ମହତ୍ୟା

ବାଲେଶ୍ୱର,(ପି.ଏନ):ସୋମବାର ଚାନ୍ଦିପୁର ଥାନା ଅନ୍ତର୍ଗତ ଝଗଡ଼ପାଢ଼ି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନିଜ ଶୋଇବା ଘରେ ଏକ ଦମ୍ପତି ଙ୍କ ମୃତ ଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସୂଚନାରୁ ଜଣାପଡ଼ିଛି ଯେ ଝଗଡ଼ପାଢ଼ି ଗ୍ରାମର ଜ୍ୟୋତିସ ରଞ୍ଜନ ପତି (୪୫) ସସ୍ମିତା ପତି (୩୦) ଦ୍ୱିତିୟ ବିବାହ କରିଥିଲେ। ସସ୍ମିତା ସୋରରେ କୌଣସି ସ୍ଥାନରେ ରହି ଚାକିରି କରୁଥିବା ବେଳେ ସ୍ୱାମୀଙ୍କ ନିକଟକୁ ସୋମବାର ଦିନ ଆସିଥିଲେ ଏବଂ ଏହା ପରେ ୨ ଜଣ ଯାକ ବହୁ ସମୟ ପର୍ଯ୍ୟନ୍ତ ଘର ଭିତରେ ରହିଥିଲେ। କବାଟ ନ ଖୋଲିବାରୁ ସନ୍ଧ୍ୟାରେ ଘର ଲୋକେ କବାଟ ଖୋଲି ଦେଖିବାକୁ ପାଇଥିଲେ ଯେ ଦୁହିଙ୍କ ମୃତ ଦେହ ରସିରେ ଝୁଲିଥିଲା। ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟଙ୍କ ଆତ୍ମହତ୍ୟା ବାବଦରେ କିଛ ସ୍ୱଷ୍ଟ ସୂଚନା ହୋଇ ନ ଥିଲେ ମଧ ଦୁହିଙ୍କ ସମ୍ପର୍କକୁ ନେଇ ପରିବାରଙ୍କ ମଧରେ ତିକ୍ତତା ଲାଗି ରହିଥିବାରୁ ଦୁହେଁ ଆତ୍ମହତ୍ୟା କରିବାକୁ ଉଚ୍ଛା କରିଥିଲେ ବୋଲି ଆଲୋଚନା ହେଉଛି।

## ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ସମୂହ ବ୍ରତୋପନୟନ




କଟକ : ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ କଟକ ପଂଚମୁଖି ମହାବୀର ମନ୍ଦିର ପରିସରରେ ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ଚତୁର୍ଦ୍ଦଶତମ ସମୂହ ବ୍ରତୋପନୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜକୁ ଶୃଙ୍ଖଳିତ , ବ୍ୟବସ୍ଥିତ ତଥା ସଂସ୍କାରିତ କରିବା ସହ ସାମୂହିକ ଶାଂତି ସ୍ଥାପନ ଓ ବିଶ୍ୱ କଲ୍ୟାଣ ଲକ୍ଷ୍ୟ ନେଇ ଉକ୍ତ ବ୍ରାହ୍ମଣ ପରିଷଦ ରୀତିନୀତିପୂର୍ବକ ବୈଦିକ କାର୍ୟକ୍ରମ ଉପନୟନ ,କୋଣାର୍କଠାରେ ବିଶ୍ୱ ଶାଂତି ଗ୍ରହଯଜ୍ଞ, ବିଶ୍ୱ ମୈତ୍ରୀ ରଥଯାତ୍ରା ଆଦି ବିବିଧ ସଂସ୍କାରମୂଳକ କାମ ହାତକୁ ନେଇ ଉଚ୍ଚ ପ୍ରଶଂସିତ ହୋଇପାରିଛି। ସୌରଶ୍ରୀ ବେଦିକ ଶିକ୍ଷାନୁଷ୍ଠାନ ଦ୍ୱାରା କର୍ମକାଣ୍ଡ, ଜ୍ୟୋତିଷ ଶାସ୍ତ୍ର , ବାସ୍ତୁଶାସ୍ତ୍ର , ସଂସ୍କୃତ ବ୍ୟାକରଣ ଶିକ୍ଷାଦାନ କରାଯାଉଛି। ଅର୍କଜ୍ୟୋତି ପତ୍ରିକା ପରିପ୍ରକାଶ ସୌର ବ୍ରାହ୍ମଣ ପରିଷଦର ଆଉ ଏକ ସଫଳତାର ଫର୍ଦ୍ଦ। ସାମାଜିକ ଶାଂତି ହିଁ ବାସ୍ତବରେ ସମାଜର ଶକ୍ତି ଓ ମୂଲ୍ୟବୋଧ,ପ୍ରତିଷ୍ଠା କରେ। ସୌର ବ୍ରାହ୍ମଣ ପରିଷଦ ସର୍ବଦା ଗୃହଶାଂତି ଓ ବିଶ୍ୱଶାଂତି ଦିଗରେ କାର୍ଯ୍ୟରତ। ସୌର ବ୍ରାହ୍ମଣ ବ୍ରହ୍ମଚାରୀଙ୍କୁ ବୈଦିକ କର୍ମକାଣ୍ଡ ଓ ଜ୍ୟୋତିଷ ବିଦ୍ୟାରେ ଦୀକ୍ଷିତ କରି ବ୍ରାହ୍ମଣ ଧର୍ମ ଆଚରଣ ପୂର୍ବକ ବିଶ୍ୱ କଲ୍ୟାଣ ସାଧନ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ । କଟକ ସ୍ଥିତ ପଚିଶଦିଗଭାଗ ସର୍ବମହ' ରବିନ୍ଦ୍ର କୁମାର ବସ୍ତିଆଙ୍କ ତତ୍ୱାବଧାନରେ ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ପୁରୀ ଗଜପତି ମହାରାଜାଙ୍କ ରାଜ ପଣ୍ଡିତ ଶିବ ନାରାୟଣ ମାହାପାତ୍ରଙ୍କ ସହଯୋଗରେ ଏବଂ ପଣ୍ଡିତ ଭରତ ଚନ୍ଦ୍ର ମିଶ୍ର ,ପଣ୍ଡିତ ପ୍ରମୋଦ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏହି ମହତ୍ୱପୂର୍ଣ୍ଣ ସମୂହ ବ୍ରତୋପନୟନ ବୈଦିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେଇଯାଇଛି। ଏଠାରେ ୫୦ରୁ ଅଧିକ ବ୍ରାହ୍ମଣ ପିଲାଙ୍କ ସମୂହ ଯୋଗଦାନରେ ବୈଦିକ ଆଚାର୍ଯ୍ୟଙ୍କ ମନ୍ତ୍ରଧ୍ୱନିରେ ମହାବୀର ମନ୍ଦିର ପ୍ରାଙ୍ଗଣ ପ୍ରକମ୍ପିତ ହୋଇଥିଲା। ସାରା ଓଡିଶାର କୋଣ ଅନୁକୋଣରୁ ଆସିଥିବା ବ୍ରାହ୍ମଣ ପିଲାଙ୍କ ସମେତ ସେମାନଙ୍କ ମାତାପିତା ଓ ବନ୍ଧୁବାନ୍ଧବଙ୍କ ଭିଡ ମହାବୀର ମନ୍ଦିର ପରିସରରେ ଆଧ୍ୟାତ୍ମିକ ଭାବ ଭବନାର ପରିବେଶ ସୃଷ୍ଟି କରିଥିଲା। ବୈଦିକ ସଂସ୍କାର , ସଂହିତା, ରୀତିନୀତି , ଆଚାର, ଉପଚାର ଓ ବେଦଗତ ମାର୍ଜିତ ତଥା ପରିଶୋଧନ ପ୍ରଥା ସମାଜରେ ସକାରାତ୍ମକ ଭାବଧାରା ଉଜ୍ଜିବିତ କରିଥାଏ। ଏହାଦ୍ୱରା ବିଶ୍ୱ ଶାଂତି ପ୍ରତିଷ୍ଠା ହେବା ସହ ସମାଜ ଶୃଙ୍ଖଳିତ ଓ ବ୍ୟବସ୍ଥିତ ହୋଇଥାଏ ବୋଲି ପୁରୀ ବଡ ଓଡିଆ ମଠାଧିଶ ବଂଶୀଧର ଦାସ କହିଛଂତି। ଏଥିସହ ବୈଦିକ କର୍ମକାଣ୍ଡକୁ ବିଶ୍ୱାଭିମୁଖି କରାଯାଇପାରିଲେ ସମାଜ କଲ୍ୟାଣ ହେବା ସହିତ ଜନସାଧାରଣଙ୍କ ହିତ ସାଧନ ସମ୍ଭବପର ହୋଇପାରିବ ବୋଲି ଆୟୋଜକ ସୌର ବାହ୍ମଣ ପରିଷଦର ସଭାପତି ରଘୁନାଥ ଦାଶ ଏହି ଅବସରରେ ପ୍ରକାଶ କରିଛଂତି। ସଂପାଦକ ନିମାଇଁ ଚରଣ ଦାଶ କହିଛଂତି ଯେ ପ୍ରତି ବାହ୍ମଣ ପିଲା ଉପନୟନ ଦ୍ୱାରା ଶୁଦ୍ଧ ହୋଇ ନିତ୍ୟାଚାର ସହକାରେ ପରମ୍ପରା ଅନୁସାରେ ଦୈନନ୍ଦିନ ଜୀବନ ନିର୍ବାହ କରିପାରିବେ। ଜୀବନକୁ ଅମୃତମୟ କରିବାକୁ ହେଲେ ପ୍ରତ୍ୟେକ ବାହ୍ମଣ ପିଲା ନୀତିଗତଭାବେ ବ୍ରତୋପନୟନ ହେବା ନିହାତି ଜରୁରୀ ବୋଲି ବେଦ ବିଦ୍ୟା ବାଚସ୍ପତି ବୀର କିଶୋର ତ୍ରିପାଠୀ ଏଠାରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଅଭିମତ ରଖିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ସଭାପତି ଡଃ ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲାବେଳେ ସମ୍ମାନତି ଅତିଥିଭାବେ ବ୍ରହ୍ମାନନ୍ଦ ସରସ୍ୱତୀ,ଆଦ୍ୟାନନ୍ଦ ସରସ୍ୱତୀ, ପାିକାର ଦେବଦର୍ଶୀ ଖଡିରତ୍ନ, ଶିକ୍ଷାବିତ ସଂଜୟ କୁମାର ମହାପାତ୍ର ଓ କରମଳାସ୍ଥ ବାବାଜୀ ହରେକୃଷ୍ଣ ଦାସ ଯୋଗଦେଇଥିଲେ। ଏହି ପବିତ୍ର ଉପନୟନ କାର୍ଯ୍ୟକ୍ରମରେ ପରିଷଦର ସହ-ସଂପାଦକ ଅଚ୍ୟୁତାନନ୍ଦ ନାୟକ,କୋଷାଧ୍ୟକ ମହେଶ୍ୱର ମହାପାତ୍ର, ଅମ୍ବିକାପ୍ରସାଦ ଦାଶ, ପ୍ରଫୁଲ ନାୟକ, ପ୍ରଦିପ୍ତ ନାୟକ,ତ୍ରିନାଥ ଆଚାର୍ଯ୍ୟ, ବିଭୁ ଆଚାର୍ଯ୍ୟ, ବିଭୁପ୍ରସାଦ ନାୟକ,ମହେନ୍ଦ୍ର ନାୟକ, ପ୍ରଦୀପ ନାୟକ, ଦେବବ୍ରତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ।

## ଗ୍ରୀଷ୍ମ ଆରମ୍ଭରୁ ପୌରପାଳିକାରେ ଉତ୍କଟ ଜଳସଂକଟ

କେନ୍ଦୁଝର,(ପି.ଏନ): ଗ୍ରୀଷ୍ମ ଆରମ୍ଭରୁ ହିଁ ପୌରପାଳିକାର ୨୧ଗୋଟି ୱାର୍ଡରେ ଉତ୍କଟ ଜଳସଂକଟ ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ବିଗତ ଦିନମାନଙ୍କରେ ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ରାସ୍ତାକଡରେ ଥିବା ନଳକୂପ ଗୁଡିକୁ ସଂପୂର୍ଣ୍ଣ ମାତ୍ରାରେ ଉଠାଇ ନିଆଗଲା। ବର୍ତ୍ତମାନର ୩୫ ରୁ ୪୦ ଡିଗ୍ରୀ ତାତିରେ ରାଜରାସ୍ତାରେ ଯାଉଥିବା ବାଟୋଇଟିଏ ପାଇଁ ପାଣି ପିଇବାର କୌଣସି ପ୍ରକାରର ବ୍ୟବସ୍ଥା ନାହିଁ। ତେଣୁ ଏ ଦିଗ ପ୍ରତି ବିଶେଷ ଧ୍ୟାନ ଦେଇ ନବ ନିର୍ବାଚିତା ପୌରପାଳିକାର ଅଧ୍ୟକ୍ଷା ଏହାର ସୁବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ପୌରପାଳିକାର ୨୧ଗୋଟି ୱାର୍ଡ ମଧ୍ୟରୁ ମେଡିକାଲ ପାଖାପାଖି ଅଞ୍ଚଳ ପଟେ ସକାଳେ ଓ ସନ୍ଧ୍ୟା ସମୟରେ ଜନ ସ୍ୱାସ୍ଥ୍ୟଖଣ୍ଡ ତରଫରୁ ପାନୀୟ ଜଳ ଯୋଗାଣ ହେଉଥିବା ସ୍ଥଳେ ଅନ୍ୟ ୱାର୍ଡ ଗୁଡିକରେ ସେସବୁ ସୁବିଧା ମିଳିନଥିବା ଯୋଗୁଁ ସାଧାରଣ ଜନତାଙ୍କର ଦୁର୍ଦ୍ଦଶା ବୃଦ୍ଧି ପାଉଛି। ବିଶେଷତଃ ୱାର୍ଡ ନଂ ୯ ରେ ଦୈନିକ ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ବର୍ତ୍ତମାନ ପ୍ରାୟତଃ ଖୁବ୍ କମ ସମୟ ପାଣି ଦେବା ପରେ ବନ୍ଦ ହୋଇ ଯାଉଛି। ଏପରିକି ବହୁ ସମୟରେ ପାଣି ଆଦୌ ଆସୁନଥିବାରୁ ଉକ୍ତ ସମସ୍ୟାର ସମାଧାନ ନିମିତ୍ତ ଆଇନଜୀବି ତଥା ସମାଜସେବୀ ସୁଶ୍ରୀ ସଂଗୀତା ସିଂହ ଦୃଢ ଦାବୀ ଉପସ୍ଥାପନ କରିଛନ୍ତି। ସୂଚନାର ବିଷୟ ଏହି ଯେ, ପାନୀୟ ଜଳ ଯୋଗାଣ ନିମନ୍ତେ ସରକାର ହଜାର ହଜାର କୋଟି ଅଟକଳ ରାଶି ଯୋଗାଣ ହେଉଥିବା ସ୍ଥଳେ ପାନୀୟ ଜଳ ସମସ୍ୟାର ସମାଧାନ ହେବାରେ ବିଳମ୍ବର କାରଣ ବୁଝା ପଡୁନାହିଁ। ଏଣୁ ଏ ଦିଗ ପ୍ରତି ଧ୍ୟାନ ଦିଆନଗଲେ ନିକଟରେ ଜନସ୍ୱାସ୍ଥ୍ୟଖଣ୍ଡ, ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଆଇନଜୀବି ତଥା ସମାଜସେବୀ ସୁଶ୍ରୀ ସଂଗୀତା ସିଂହ ଚେତାବନୀ ଦେଇଛନ୍ତି।

## ରାଜ୍ୟପାଳଙ୍କ ଦ୍ୱାରା ବିବୁଧରଂଜନଙ୍କ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,ତା ୫.୪.୨୦୨୧ରିଖ ପୂର୍ବାହ୍ନ ଆଜି ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ହାତରେ ବିଶିଷ୍ଟ ଲେଖକ ଡକ୍ଟର ବିବୁଧରଂଜନଙ୍କ ଲିଖିତ ତିନିଗୋଟି ପୁସ୍ତକ 'ମର୍ଡର ମିଷ୍ଟ୍ରି ଅଫ୍ ଶ୍ରୀ ଚୈତନ୍ୟ' (ଇଂରାଜୀ), 'ହଁ ମୃତ୍ୟୁ ପରେବି ଜୀବନ' ଓ 'ଭକ୍ତ ଡ଼ୋରୀରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ କବି ରକ୍ଷକ ନାୟକ ଓ ପ୍ରକାଶକ ବିଜୟ କୁମାର ମହାପାତ୍ର (ବି କେ ପବ୍ଲିକେସନ୍ସ ପ୍ରା. ଲି.) ଉପସ୍ଥିତ ଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray